ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.279 Bhubaneswar Tuesday, December 28, 2021 | ୨୪ତମ ବର୍ଷ | ସଂଖ୍ୟା–୨୭୯ | ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୮, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଯମର ଚକ୍ରାନ୍ତ ବୁଝି ପାରିଲାନି କୁନି ଝିଅ; ଶବ ସହ ତିନି ଦିନ

ବଲାଙ୍ଗିର, ୨୭।୧୨(ପି.ଏନ): ଯମର ଚକ୍ରାନ୍ତ ବୁଝି ପାରିଲାନି କୁନି ଝିଅ ! ଶବ ସହ ଶୋଇଥିଲା ତିନି ଦିନ ! ସେ ଶବ ନଥିଲା ଆଉ କାହାର। ଥିଲା ତା' ମାଆର। ମାଆର ଶବ ପାଖରେ ଶୋଇଲା ବେଳେ ଡାକିଥିଲାଟି ଖାଇବାକୁ ମାଗିଥିଲାଟି ହେଲେ ମାଆ ଉଠିନଥିଲା କି ଡାକର ଜବାବ ଦେଇନଥିଲା। ଆଜି ହଠାତ୍ ମାଆ ପାଟିରୁ ପୋକ ବାହାରୁଥିବା ଦେଖି ପଡଶୀଙ୍କୁ ଡାକି ପକାଇଥିଲା କୁନିଝିଅ। ଆଉ ଏହା ପରେ ପୂରା ଘଟଣା ଉପରୁ ପର୍‌ଦା ହଟିଥିଲା।ବଲାଙ୍ଗିର ସହର ଇନ୍ଦିରାନଗର ପଡାର କୁନି ନାଏକ ଲାଲଟିକ୍ରା ପଡାରେ ବିବାହ କରିଥିଲେ। ଝିଅ ଜନ୍ମର କିଛିଦିନ ପରେ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହା ପରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇଥିଲା। ସେଥିପାଇଁ ସେ ପର ଘରେ ଅଇଁଠା ବାସନ ମାଜିବାକୁ ଯାଇଥିଲା। କୁନି ଅଇଁଠା ବାସନ ମାଜୁଥିବାରୁ ଛୁଆଁଅଛୁଆଁ ଅନ୍ଧବିଶ୍ୱାସର ବସବର୍ତ୍ତି ହୋଇଥିଲେ। ଯେଉଁଥିପାଇଁ କୁନିଙ୍କୁ ତାଙ୍କ ବାପ ଘର ଓ ଶାଶୁଘର ଲୋକେ ଘରୁ ତଡିଦେଇଥିଲେ। ଯାହା ଫଳରେ ସେ ସାଗରପଡାର ଶିବମନ୍ଦିର ନିକଟରେ ଥିବା ଶୁଭେନ୍ଦୁ କୁମାର ହୋତାଙ୍କ ଭଡା ଘରେ ନିଜର ୫ ବର୍ଷର ଝିଅ ସହ ରହୁଥିଲେ। ପରଘରେ ବାସନ ମାଜି ଯାହା ଉପାର୍ଜନ କରନ୍ତି, ସେଥିରେ ଚଳୁଥିଲେ ମାଆ ଓ ଝିଅ। କିନ୍ତୁ ଗତ ଦୁଇ ତିନି ଦିନ ଧରି ଘରୁ ବାହାରୁନଥିଲେ କୁନି।ଆଜି ସକାଳେ ହଠାତ କୁନିଙ୍କ ଝିଅ ପାଖ ପଡୋଶୀଙ୍କୁ ଡାକିଥିଲା। ଆଉ କହିଥିଲା, ମାଆ ପାଟିରୁ ପୋକ ବାହାରୁଛି। ତା'ପରେ ପାଖ ପଡୋଶୀ ଦେଖିବା ପାଇଁ ଘର ଭିତରକୁ ଯାଇଥିଲେ। ଘର ଭିତରକୁ ପଶିବା ମାତ୍ରେ ପଚ଼ା ଗନ୍ଧ ବାହାରୁଥିଲା। କୁନି ନାଏକଙ୍କ ପାଟିରୁ ପୋକ ବାହାରୁଥିବା ଦେଖିବାକୁ ପାଇଥିଲେ ପଡ଼ଶୀ। ପ୍ରାୟ ୩ ଦିନ ତଳୁ କୁନି ମରିଥିବା ଅନୁମାନ କରାଯାଉଛି। ମାଆ ମରିଥିଲେ ମଧ୍ୟ ଜାଣିପାରିନଥିଲା କୁନି ଝିଅ। ରୋଗାଗ୍ରସ୍ତ ମାଆ ବଞ୍ଚିଛି ବୋଲି ଭାବି ଜଗି ରହିଥିଲା ଘର ଭିତରେ। ମଝିରେ ମଝିରେ ଘର ବାହାରକୁ ଆସୁଥିଲା। ପଡଶୀ ଯିଏ ଯାହା ଦେଉଥିଲା, ତାକୁ ଖାଇବା ଘର ଭିତକୁ ଚାଲି ଯାଉଥିଲା। ଆଉ ମୃତ ମାଆଙ୍କ ସହିତ ଶୋଇ ଯାଉଥିଲା। ମାଆକୁ ଅନେକ ଥର ଉଠାଇବାକୁ ଚେଷ୍ଟା କରିଥିଲା କୁନି ଝିଅ। କିନ୍ତୁ ମାଆ ଉଠୁନଥିଲା। ଡାକିଲେ ମଧ୍ୟ ଶୁଣୁନଥିବା କହିଥିଲା କୁନି ଝିଅ।ମହିଳାଙ୍କ ମୃତ୍ୟୁ ସଂର୍ପକରେ ଖବର ପାଇବା ପରେ ବଲାଙ୍ଗିର ଏସ୍‌ଡିପିଓ ତୋଫାନ ବାଗ, ଟାଉନ ଥାନା ପୁଲିସ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘର ଭିତରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା ପୁଲିସ। କିନ୍ତୁ ବର୍ତ୍ତମାନ ସୁଦ୍ଧା ମହିଳାଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ। ତେବେ ପ୍ରାଥମିକ ତଦନ୍ତରୁ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ପୁଲିସ ସନ୍ଦେହ କରୁଛି।ସେପଟେ ମହିଳାଙ୍କ ମୃତ୍ୟୁ ପରେ ଅସହାୟ ହୋଇଯାଇଛି ପାଂଚ଼ ବର୍ଷର କୁନି ଝିଅ। ଘଟଣା ସଂର୍ପକରେ ଖବର ପାଇଁ ଚ଼ାଇଲଡ ଲାଇନର ଦୁଇଜଣିଆ ଟିମ୍ ? ଘଟଣାସ୍ଥଳକୁ ଆସି ତଦନ୍ତ କରୁଛି। କୁନି ଝିଅର ମେଡିକାଲ୍ ଚେକ୍ ଅପ୍ ପରେ ଶିଶୁ ମଂଗଳ କମିଟିରେ ହାଜର କରାଯାଇଛି।



## କାଶ୍ମୀର ଏବଂ ଲଦାଖରେ ଭୂମିକମ୍ପ ଝଟ୍‌କା, ରିକ୍ଟର ସ୍କଲରେ ତୀବ୍ରତା ୫.୩



ଶ୍ରୀନଗର, ୨୭/୧୨: କାଶ୍ମୀର ଏବଂ ଲଦାଖରେ ଭୂକମ୍ପ ଅନୁଭୂତ ହୋଇଛି। କାରକିଲରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚ଼ନା ମିଳିଛି। ସୋମବାର ସନ୍ଧ୍ୟା ୭ଟା ୨ ମିନିଟ୍ ଏବଂ ୭ଟା୮ ମିନିଟ୍ ?ରେ ୨ଥର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ରିକ୍ଟର ସ୍କଲରେ ତୀବ୍ରତା ୫.୩ ଜଣାପଡିଛି । ଭୂମିକମ୍ପ ଅନୁଭୂତ ହେବାପରେ ଲୋକମାନେ ଘରୁ ବାହାରକୁ ଦୌଡି ପଳାଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ନେଇ କୌଣସି ସୂଚ଼ନା ମିଳିନାହିଁ ।ଏହା ପୂର୍ବରୁ ଡିସେମ୍ବର ୫ ତାରିଖରେ ରାତି ପ୍ରାୟ ୨ଟା୩ରେ ଉତ୍ତରକାଶୀ ଏବଂ ଟିହରୀରେ ଭୂମିକମ୍ପ ହୋଇଥିଲା । ଟିହରୀରେ ୨ ଥର ଭୂକମ୍ପ ଝଟ୍‌କା ଅନୁଭବ ହୋଇଥିଲା । ଏହା ପୂର୍ବରୁ ଡିସେମ୍ବର ୨୪ ତାରିଖରେ ପିଥୋରାଗଡରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା। ସୂଚ଼ନା ଅନୁଯାୟୀ, ଚ଼ଳିତ ବର୍ଷ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରାୟ ୯୬୫ ଥର ଭୂମିକମ୍ପ ଅନୁଭୂତ ହୋଇଛି। ଉତ୍ତରାଖଣ୍ଡ, ହିମାଚ଼ଳ ଏବଂ ଜାମ୍ମୁ କାଶ୍ମୀରରେ ପ୍ରାୟତଃ ହାଲ୍‌କା ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥାଏ ।

## ଜବତ ହୋଇଛି ୨୫୭ କୋଟି, ଚ଼ଢୁଥିଲେ ପୁରୁଣା ସ୍କୁଟର

କାନପୁର, ୨୭।୧୨(ପି.ଏନ): ଅସାଧୁ କାରନାମାକୁ ଲୁଚେବା ପାଇଁ ସାଧୁତାର ଅଭିନୟ। ପର୍ବତ ସମ କଳା ଟଙ୍କାର ମାଳିକ ଲୋକଙ୍କ ନଜରରେ ଥିଲେ ସାଦାସିଧା ଓ ସରଳ । ଯେମିତି ନିଜ ଗୁପ୍ତକାରବାର ବିଷୟରେ କେହି ସନ୍ଦେହ ନକରିବେ ତେଣୁ ସାଧାରଣ ମଣିଷ ଭଳି ଚ଼ଳୁଥିଲେ। କାନପୁରର ଅତର ବ୍ୟବସାୟୀଙ୍କ ଲାଇଫ୍ ଷ୍ଟାଇଲକୁ ନେଇ ଚ଼ର୍ଚ୍ଚା। କୋଟି କୋଟି ଟଙ୍କାର ମାଲିକ ତଥା ଏହି ଠକ ବ୍ୟବସାୟୀଙ୍କ ବିଷୟରେ ଏକ ରୋଚ଼କ ତଥ୍ୟ ଆସିଛି। ୨୫୭ କୋଟି ଟଙ୍କା ଜବତ ହୋଇଥିବା ଅତର ବ୍ୟବସାୟୀ ପୀୟୂଷ ଜୈନ ସ୍କୁଟର ଚ଼ଢୁଥିଲେ।ତାଙ୍କ ଘରେ ଦୁଇଟି ଦାମୀ କାର ଥିଲେ ମଧ୍ୟ ସେ ନିତିଦିଆ ଏକ ପୁରୁଣା ସ୍କୁଟର ଚ଼ଢୁଥିଲେ। ତାଙ୍କ ଘର ପାଖ ଲୋକେ ଏହା କହିଛନ୍ତି। ପ୍ରଥମେ କାନପୁରରେ ଅତର ବ୍ୟବସାୟ ଆରମ୍ଭ କରିଥିଲେ ପୀୟୁସ । ପରେ ଧିରେ ଧିରେ ବ୍ୟବସାୟ ବଢ଼ିଥିଲା। ଗତ ୧୫ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନକୁ ତାଙ୍କ ବ୍ୟବସାୟ ଲମ୍ବିଛି। ତାଙ୍କର ଏବେ ମୁମ୍ବାଇ ଏବଂ ଗୁଜରାଟରେ ପ୍ରମୁଖ ବ୍ୟବସାୟ କେନ୍ଦ୍ର ରହିଛି। ପୀୟୂଷ ଏବଂ ତାଙ୍କ ଭାଇଙ୍କର କନୌଜରେ ୭୦୦ ସ୍କୟାରଫିଟ୍‌ରର ଏକ ଆଲିସାନ ବଙ୍ଗଳା ରହିଛି। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୀୟୂଷ ଯେବେ ସେ ଟାଉନ୍‌କୁ ଆସନ୍ତି ସାଧାରଣ ଲୋକଙ୍କ ଭଳି ଚ଼ଳନ୍ତି। ପୀୟୂଷ ତାଙ୍କ ପୁରୁଣା ସ୍କୁଟରରେ ଯାଆସ କରନ୍ତି ବୋଲି ପଡୋଶୀ କହିଛନ୍ତି ।

## ରାଜ୍ୟରେ ନାଇଟ୍ କର୍ଫ୍ୟୁ , ଲକଡାଉନ ଭଳି କଟକଣାର ଆବଶ୍ୟକତା ନାହିଁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୭।୧୨(ପି.ଏନ): ଅନ୍ୟ ରାଜ୍ୟ ତୁଳନାରେ ବର୍ତମାନ ଓଡ଼ିଶାର ସ୍ଥିତି ଭଲ ଅଛି। ତେଣୁ ବର୍ତମାନ ପାଇଁ ରାଜ୍ୟରେ ନାଇଟ୍ କର୍ଫ୍ୟୁ କି ଲକଡାଉନ ଭଳି କଟକଣାର କିଛି ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଟେଷ୍ଟ ପଜିଟିଭ୍ ହାର ୧୦ ପ୍ରତିଶତ ଉପରେ ରହିଲେ, ହସ୍ପିଟାଲାଇଜେସନ ଆବଶ୍ୟକ ପଡ଼ିପାରେ, ସେହିପରି ରାଜ୍ୟରେ ସଂକ୍ରମଣ ବଢ଼ିଲେ ଲକଡାଉନ ଭଳି ନିୟମର ଆବଶ୍ୟକ ପଡ଼ିପାରେ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।ଦେଶରେ ଏବେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ବିଦେଶରୁ ରାଜ୍ୟକୁ ଫେରିଥିବା ୧୮ ଜଣଙ୍କ କରୋନା ପଜିଟିଭ ବାହାରିଥିଲା। ସେମାନଙ୍କ ମଧ୍ୟରେ ୮ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମର ଜଣେ ୯ବର୍ଷର ଶିଶୁ ଥିବା ଜଣାପଡ଼ିଥିଲା। ସେ ନାଇଜେରିଆରୁ ଫେରି ଓମିକ୍ରନ ଆକ୍ରାନ୍ତ ହୋଇଥିଲେ। ଏବେ ସେ ସୁସ୍ଥ ହୋଇ ଫେରିଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

## ଗୋଟିଏ ଦିନରେ ୧୨୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୦୦୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୯୨୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୭୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୨୩ ଜଣଙ୍କ ମଧ୍ୟରୁ ୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱର ଜିଲ୍ଲାରୁ ୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଭଦ୍ରକଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ୧ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଗଜପତି ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଂଜାମ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ,କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଓ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଷ୍ଟେଟ୍ ପୁଲରୁ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୨୫ ଲକ୍ଷରୁ ଅଧିକ ପିଲାଙ୍କୁ ଦିଆଯିବ କୋଭିଡ ଟିକା

ଭୁବନେଶ୍ୱର, ୨୭।୧୨(ପି.ଏନ): ରାଜ୍ୟରେ ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷ ୫୩ ହଜାର ପିଲା ଅଛନ୍ତି। ତେଣୁ ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷରୁ ଅଧିକ ପିଲାଙ୍କୁ କୋଭିଡ ଟିକା ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେମାନଙ୍କୁ ଜାନୁଆରି ୩ ତାରିଖରୁ ଟିକା ଦିଆଯିବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଏହାଛଡ଼ା ୬୦ ବର୍ଷ ବୟସରୁ ଅଧିକ ୫୨ ଲକ୍ଷ ୩୭ ହଜାର ଲୋକ ଅଛନ୍ତି। ସେମାନଙ୍କ ଭିତରୁ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତି ନିଜ ଡାକ୍ତରଙ୍କ ସହ ପରାମର୍ଶ କରି ଟିକା ନେବେ। ରାଜ୍ୟରେ ୭ ଲକ୍ଷ ୫ ହଜାର ସ୍ୱାସ୍ଥ୍ୟକର୍ମୀ ଦୁଇଟି ଡୋଜ ନେଇଛନ୍ତି। ସେମାନଙ୍କୁ ଜାନୁଆରି ୧୦ ତାରିଖରୁ ବୁଷ୍ଟର ଡୋଜ ଦିଆଯିବ। ଟିକାକରଣ ପାଇଁ ରାଜ୍ୟରେ ୨୬୦୦ ସହ ଷ୍ଟେସନ କାର୍ଯ୍ୟକାରୀ ଥବା ସେ କହିଛନ୍ତି।

## ବିନ୍ଦୁ ସାହିତ୍ୟ ସମାଜ (ଷଷ୍ଠ ବାର୍ଷିକ ସାରସ୍ୱତ ଉତ୍ସବ)



ଭୁବନେଶ୍ୱର, (ପି.ଏନ): ବିନ୍ଦୁ ସାହିତ୍ୟ ସମାଜର ଷଷ୍ଠ ବାର୍ଷିକ ସାରସ୍ୱତ ଉତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀ ଠାରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ଡଃ ସଂଘମିତ୍ରା ମିଶ୍ର ଓ ମୁଖ୍ୟ ବକ୍ତା ରୂପେ ପ୍ରଫେସର ଡଃ ଭବାନୀ ଶଙ୍କର ମିଶ୍ର ଯୋଗଦାନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ମୁଖ୍ୟ ଅତିଥି ପ୍ରଫେସର ଡଃ ସଂଘମିତ୍ରା ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଓ ଶ୍ରୀମତୀ ଆଶାଲତା ପାଣ୍ଡବ ସରସ୍ୱତୀ ବନ୍ଦନା ଓ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡଃ ଶଶୀଭୂଷଣ ମହାପାତ୍ର ସମ୍ମାନୀୟ ଅତିଥିମାନଙ୍କୁ ସ୍ୱାଗତ କରିବା ପୂର୍ବକ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତାଙ୍କର ଆଦ୍ୟଭାଷଣରେ ବିନ୍ଦୁ ସାହିତ୍ୟ ସମାଜକୁ ଏକ ବଳିଷ୍ଠ ସାହିତ୍ୟ ଅନୁଷ୍ଠାନରେ ଗଢିତୋଳିବା ଲାଗି ବିନ୍ଦୁର ସମସ୍ତ ସଦସ୍ୟମାନଙ୍କର ସହଯୋଗ କାମନା କରିଥିଲେ।ମୁଖ୍ୟ ଅତିଥି ଡଃ ସଂଘମିତ୍ରା ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କଳ୍ପନାର ଉତ୍ତରଣ ହେଲେ ଚେତନା ଉତ୍ତରିତ ହୋଇଥାଏ ଏବଂ ସେତେବେଳେ ସାହିତ୍ୟ ସର୍ବାଦୃତ ହୁଏ। ସାହିତ୍ୟର ତିନି ପଢିର କଥା କହିବାକୁ ଯାଇ ଛ'ମାଣ ଆଠଗୁଣ୍ଠ, ଶିକାର ଏବଂ ପରଜାର ଉଦାହରଣ ଦେଇଥଲେ।ମୁଖ୍ୟବକ୍ତା ଡଃ ଭବାନୀ ଶଙ୍କର ମିଶ୍ର ଗାନ୍ଧୀଙ୍କ ଉକ୍ତି ଉଦ୍ଧାର କରି ତାଙ୍କ ବକ୍ତବ୍ୟରେ କହିଥିଲେ କି ଯାହା ସଂଗ୍ରାମ, ଶାନ୍ତି ଏବଂ ପୁଣି ସଂଗ୍ରାମର କ୍ରମ ଧାରାରେ ଗତିଶୀଳ ହୋଇଥାଏ ତାହା ପ୍ରଗତିଶୀଳ ସାହିତ୍ୟ। ସାହିତ୍ୟ କେବଳ ଚିତ୍ତ ବିନୋଦର କ୍ଷେତ୍ର ହେବା ଉଚିତ ନୁହଁ ତାହା ମାନବବାଦୀ ହେବା ଦରକାର। ସାହିତ୍ୟ ସମସ୍ତଙ୍କୁ ସୂତା ଖିଅରେ ମୁକ୍ତାଭଳି ବାନ୍ଧି ରଖୁ ବୋଲି ମଧ ଆଶା ପୋଷଣ କରିଥିଲେ।
ପୂର୍ବରୁ ଅନୁଷ୍ଠାନର ସାଧାରଣ ସଂପାଦକ ଶ୍ରୀ ଅରୁଣ କୁମାର ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରି ବିନ୍ଦୁ ସାହିତ୍ୟ ସମାଜ ଦ୍ୱାରା କରାଯାଇଥିବା କାର୍ଯ୍ୟର ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସଭାପତି ଶ୍ରୀ ବାଉରିବନ୍ଧୁ ଲେଙ୍କା ବିନ୍ଦୁ ସାହିତ୍ୟ ସମାଜର ଇତିହାସ ଉପରେ ଆଲୋକପାତ କରିବା ସହିତ ଏହାର ଭବିଷ୍ୟତ ଲକ୍ଷ୍ୟ ସମନ୍ଧରେ ସୂଚନା ପ୍ରଦାନ କରିଥିଲେ।ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟକ ତଥା କଥାକାର ଶ୍ରୀଯୁକ୍ତ ଅନୀଲ କୁମାର ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ, ଡଃ ସରୋଜିନୀ ପଟ୍ଟନାୟକ, ଶ୍ରୀମତୀ ପାରମିତା ଷଡ଼ଙ୍ଗୀ ଓ ଶ୍ରୀମତୀ ସୁଜାତା ମହାପାତ୍ରଙ୍କୁ ବିନ୍ଦୁ ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ରମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶ୍ରୀ ବାଉରିବନ୍ଧୁ ଲେଙ୍କାଙ୍କ ରଚିତ "କୁମାର ସମ୍ଭବମ୍" (ଅନୁବାଦ କାବ୍ୟ) ଓ "ପ୍ରିୟା" (କବିତା ସଂକଳନ), ଶ୍ରୀମତୀ ସୁଷମା ପରିଜାଙ୍କ ରଚିତ "ପ୍ରତିବନ୍ଧ" (ଦ୍ୱିତୀୟ ସଂସ୍କରଣ), ଶ୍ରୀ ରଜୀତ ଦାସଙ୍କ ରଚିତ "ପିଲାବେଳ ଧୂଳିଖେଳ", ଶ୍ରୀମତୀ ସରିତା ପ୍ରଧାନଙ୍କ ରଚିତ "ଏଇ ଅଛି ଏଇ ନାହିଁ" ଶ୍ରୀମତୀ ରଶ୍ମିମୟୀ ପତିଙ୍କ ରଚିତ "ପ୍ରଣୟର ଛନ୍ଦ ତାଳେ", "ପ୍ରୀତି ତରଙ୍ଗ" ପୁସ୍ତକମାନ ସମ୍ମାନୀୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଉତ୍ସବର ପ୍ରଥମ ପର୍ଯ୍ୟାୟ ଶେଷରେ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ନିଜର ମନ୍ତବ୍ୟ ପ୍ରଦାନ ପୂର୍ବକ ସମ୍ମାନୀୟ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଶ୍ରୀ ବିଜନ କୁମାର ରାୟ ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନର ଉପସଭାପତି ଶ୍ରୀ ଭକ୍ତ ଚରଣ ମଲ୍ଲ ଉତ୍ସବରେ ପ୍ରଥମ ପର୍ଯ୍ୟାୟର ମଞ୍ଚ ପରିଚାଳନା କରିଥିଲେ ଓ ଏଥିରେ ତାଙ୍କୁ ସହାୟତା କରିଥିଲେ ବିନ୍ଦୁର ବରିଷ୍ଠା ସଦସ୍ୟା କବୀ ଅମ୍ବିକା ସ୍ୱାଇଁ, କବୀ ସୁମିତା ବେହେରା। ଉତ୍ସବରେ ଦ୍ୱିତୀୟ ପର୍ଯ୍ୟାୟରେ କବୀ ସୁଷମା ପରିଜାଙ୍କର ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ପ୍ରଦୀପ କୁମାର ସାହୁ, ହୀରକ ମିଶ୍ର, ବଜନ ରାୟ, ସୁନନ୍ଦା ମହାପାତ୍ର, ବିପ୍ଳବ, ବାଉରିବନ୍ଧୁ ଲେଙ୍କା, ସୁଜାତା ମହାପାତ୍ର, ସୁନୀତା ପଣ୍ଡା, ସୁଜାତା ରାଉତରାୟ, ସୁଷମା ପରିଜା, ଶଶୀ ଭୂଷଣ ମହାପାତ୍ର, ଚକ୍ରଧର ରଥ, ସରୋଜିନୀ ପଟ୍ଟନାୟକ, ଆଶାଲତା ପାଣ୍ଡବ, ଭକ୍ତ ଚରଣ ମଲ୍ଲ, ସରିତା ପ୍ରଧାନ, ଜ୍ୟୋତିର୍ମୟୀ ପରିଜା, ଅରୁଣ କୁମାର ବିଶ୍ୱାଳ, ଅଜିତା ମିଶ୍ର ଆଦି ୫୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ସ୍ୱ ରଚିତ କବିତାମାନ ପାଠ କରିଥିଲେ। ଏହାକୁ ସଂଚାଳନ କରିଥିଲେ କବୀ ସୁଜାତା ମହାପାତ୍ର ଓ କବୀ ସୁନନ୍ଦା ମହାପାତ୍ର। ଉତ୍ସବଟିକୁ ସଫଳ କରିବା ଲାଗି ଶ୍ରୀ ଚକ୍ରଧର ରଥ, ଶ୍ରୀ ହୀରକ ମିଶ୍ର, ଶ୍ରୀ ମନୋଜ ଆଚାର୍ଯ୍ୟ, କବୀ ଲୋପାମୁଦ୍ରା ଜେନା ପ୍ରଭୃତି ସଦସ୍ୟମାନେ ସହାୟତା କରିଥିଲେ।

## ବାତ୍ୟା ଜୱାଦ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫୦୭ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା



ଭୁବନେଶ୍ୱର, ୨୭।୧୨(ପି.ଏନ): ବାତ୍ୟା ଜୱାଦ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦୭ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି । ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କୁ ବର୍ଷାଜଳ ଉପରେ ନିର୍ଭର କରୁଥିବା ଜମି ପାଇଁ ହେକ୍ଟର ପିଚ୍ଛା ୬୮୦୦ ଟଙ୍କା, ଜଳସେଚିତ ଅଂଚଳ ପାଇଁ ହେକ୍ଟର ପିଚ୍ଛା ୧୩,୫୦୦ ଟଙ୍କା ଏବଂ ଆମ୍ବ, କାଜୁ, ନଡିଆ, ପାନବରଜ, କିଆ ଆଦି ସବୁଦିନିଆ ଫସଲ ନିମନ୍ତେ ହେକ୍ଟର ପିଚ୍ଛା ୧୮ ହଜାର ଟଙ୍କା ସହାୟତା ଦିଆଯିବ। ସବୁଦିନିଆ ଫସଲ କ୍ଷତି ପାଇଁ ଇନପୁଟ୍ ସବସିଡି ଭାବରେ ଚାଷୀଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ୧୦୦୦ ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।ପ୍ରମାଣୀକୃତ ଉଚ୍ଚମାନର ବିହନ – କ୍ଷତିଗ୍ରସ୍ତ ୧୨ଟି ଜିଲ୍ଲାର ଚାଷୀମାନଙ୍କୁ ୧୨ ହଜାର କ୍ୱିଂଟାଲ ବିହନ ରିହାତି ଦରରେ ଯୋଗାଇ ଦିଆଯିବ ଏବଂ ବର୍ତମାନ ରିହାତି ପରିମାଣର ଅତିରିକ୍ତ ୨୫ ପ୍ରତିଶତ ଡିବିଟି ଜରିଆରେ ୨୦୨୧–୨୨ ରବି ଫସଲ ପାଇଁ ଦିଆଯିବ। କ୍ଷତିଗ୍ରସ୍ତ ଜିଲ୍ଲାର ଚାଷୀ ମାନଙ୍କୁ ୫୦ ହଜାର ଡାଲି ଜାତୀୟ ବିହନ ମିନି କିଟ୍ ଯୋଗାଇ ଦିଆଯିବ। ଏହାସହିତ ୪ ଲକ୍ଷ ପରିବା ବିହନ ମିନିକିଟ୍ ମାଗଣାରେ ଯୋଗାଇ ଦିଆଯିବ।ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଫଳ ଓ ପନିପରିବା ଚାଷ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ଲକ୍ଷ ସଦସ୍ୟଙ୍କୁ ପ୍ଲାଷ୍ଟିକ ଜାଲି ବାକ୍‌ସ (କ୍ରେଟ୍)ଯୋଗାଇ ଦିଆଯିବ। ପ୍ରତି ସଦସ୍ୟଙ୍କୁ ୯୦ ପ୍ରତିଶତ ରିହାତିରେ ୫ ଗୋଟି କ୍ରେଟ୍ ଯୋଗାଇ ଦିଆଯିବ। ଯାହାଦ୍ୱାରା ଫଳ ଓ ପରିବାର ଅମଳ ପରବର୍ତୀ କ୍ଷତି କମ୍ କରାଯାଇପାରିବ । ଏକ ଲକ୍ଷ ଚାଷୀଙ୍କୁ ସେମାନଙ୍କ ଘର ପଛ ବଗିଚାରେ ଲଗାଇବା ପାଇଁ ମାଗଣାରେ ପ୍ରତ୍ୟେକଙ୍କୁ ୧୦ ଗୋଟି ଫଳ ଚାରା ଯୋଗାଇ ଦିଆଯିବ। ଏକ ଲକ୍ଷ ଚାଷୀଙ୍କୁ ହାଇବ୍ରିଡ ପରିବା ଚାଷ ପାଇଁ ସହାୟତା ଦିଆଯିବ। ପ୍ରତି ଚାଷୀଙ୍କୁ ୦.୨୦ ହେକ୍ଟର ପାଇଁ ୪୦୦୦ ଟଙ୍କା ଲେଖାଏ ସହାୟତା ମିଳିବ ।କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କର ଚାଷୀ ମାନଙ୍କୁ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୫୦ କୋଟି ଟଙ୍କାର ରିହାତି ଦିଆଯିବ।କ୍ଷତିଗ୍ରସ୍ତ ଅଂଚଳରେ ୫୦୦୦ ପମ୍ପସେଟ୍ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ । ଏଥିପାଇଁ ରିହାତିର ସର୍ବୋଚ୍ଛ ପରିମାଣ ୧୦ ହଜାର ଟଙ୍କା ଦିଆଯିବ । କ୍ଷତିଗ୍ରସ୍ତ ଚାଷୀଙ୍କୁ ୫୦ ପ୍ରତିଶତ ରିହାତିରେ ୫୦୦୦ ସ୍ପ୍ରେୟର ଯୋଗାଇ ଦିଆଯିବ । ପାୱାର ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୩୮୦୦ ଟଙ୍କା ଏବଂ ହସ୍ତଚାଳିତ ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୭୫୦ ଟଙ୍କା ଦିଆଯିବ ।ରୋଗପୋକ ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ମଧ୍ୟ ଏହି ପ୍ୟାକେଜରେ ବ୍ୟବସ୍ଥା ରଖାଯାଇଛି । ସମୁଦାୟ ୧୬ ହଜାର ହେକ୍ଟର ଜମି ପାଇଁ ଏହି ସହାୟତା ବ୍ୟବାସ୍ଥା କରାଯିବ। ୩୩ ପ୍ରତିଶତ ବା ତାଠାରୁ ଧିକ ଫସଲ କ୍ଷତି ହୋଇଥିବା ଅଂଚଳରେ ଦିଆଯାଇଥିବା ସ୍ୱଳ୍ପମିଆଦୀ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ। ସେହିପରି ଆସନ୍ତା ରବି ଋତୁ ପାଇଁ ଚାଷୀମାନେ ଯେପରି ସୁବିଧାରେ ଫସଲ ଋଣ ଓ କୃଷି ଋଣ କରିପାରିବେ, ସେଥିପାଇଁ ଆନୁଷ୍ଠାନିକ ଆର୍ଥିକ ସଂସ୍ଥା ଦ୍ୱାରା ସହାୟତାର ବ୍ୟବସ୍ଥା କରାଯିବ । ଭାଗଚାଷୀ ମାନେ ଯେପରି ରବି ଋତୁରେ ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ଜଏଂଟ ଲିଆବିଲିଟି ଗ୍ରୁପ୍ ଗଠନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ ।ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନେ ଯେପରି ତାଙ୍କ କ୍ଷତିପୂରଣ ଶୀଘ୍ର ପାଇପାରିବେ, ସେଥିପାଇଁ ଅମଳ ପରବର୍ତୀ କ୍ଷତିର ତୁରନ୍ତ ଆକଳନ ନିମନ୍ତେ ପଦକ୍ଷେପ ନିଆଯିବ ଏବଂ କ୍ରପ୍ କଟିଂ ଏକ୍ସପେରିମେଂଟ ମଧ୍ୟ ଶୀଘ୍ର ଶେଷ କରାଯିବ। ବାତ୍ୟା ଜୱାଦ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ମାନେ ଯେପରି ରବି ଫସଲ ପାଇଁ ତୁରନ୍ତ ଋଣ ସହାୟତା ପାଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ଡିସେମ୍ବର ୪ ଓ ୫ ତାରିଖ ଦୁଇ ଦିନ ଧରି ବାତ୍ୟା ଜୱାଦ ପ୍ରଭାବରେ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା। ଫସଲ ଅମଳ ହୋଇପାରିନଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ । ଜୱାଦ ଯୋଗୁଁ ରାଜ୍ୟର ୧୨ ଟି ଜିଲ୍ଲା ଅନ୍ତର୍ଗତ ୧୩୧ ଟି ବ୍ଲକ୍ ରେ ପ୍ରାୟ ୫.୭୮ ଲକ୍ଷ ହେକ୍ଟର ଜମିର ଖରିଫ୍ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଆକଳନରୁ ଜଣାପଡିଥିଲା।

## ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇଛନ୍ତି : ବିଜେପି

ଭୁବନେଶ୍ୱର, ୨୭।୧୨(ପି.ଏନ): ଗତକାଲି ୨୫ ତମ ପ୍ରତିଷ୍ଠା ଦିବସ ପାଳିଥିବା ବିଜେଡି ଆତ୍ମସମୀକ୍ଷା କରିବା ପରିବର୍ତେ ନିଜ ପିଠି ନିଜେ ଥାପୁଡେଇ ସାବାସୀ ନେବାର ଯେଉଁ କସରତ୍ କରିଛି। ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦାୟୀତ୍ୱହୀନତାର ପରିଚୟ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟୀତ୍ୱ ନେବା ସମୟରେ ୧୯୯୯ ମସିହାରେ ଓଡିଶାରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସଂଖ୍ୟା ଥିଲା ୪୭.୦୨ ପ୍ରତିଶତ। ଅନ୍ୟ ପଟେ ମୁଖ୍ୟମନ୍ତ୍ରୀ ନିଜ ବାର୍ତାରେ କହିଲେ ଓଡିଶା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ୬୩ ପ୍ରତିଶତ ଥିଲା ଏବଂ ଏହା ବର୍ତମାନ ୨୯ ପ୍ରତିଶତକୁ ଖସେଇ ଆଣିବାରେ ସକ୍ଷମ ହୋଇଛନ୍ତି । କିନ୍ତୁ ନିକଟରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଓଡିଶାର ସ୍ଥାନ ଗରୀବ ରାଜ୍ୟ ତାଲିକାରେ ନବମ ସ୍ଥାନରେ ଅଛି। କେବଳ ସେତିକି ନୁହେଁ ରାଜ୍ୟ ସରକାର ବାରମ୍ବାର ଦାବୀ କରି ଆସୁଛନ୍ତି ଯେ ଓଡିଶାର ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅଧିକ ପୁଞ୍ଜି ନିବେଶ ଆକର୍ଷିତ କରି ପାରିଛି। କିନ୍ତୁ ନିକଟରେ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଓଡିଶାରେ ୨୦୧୮–୧୯ ବର୍ଷ ୩,୪୯,୩୯୨କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବା ବେଳେ ସେହି ବର୍ଷ ଗୁଜୁରାଟରେ ୯,୨୩, ୮୫୩କୋଟି, ମହାରାଷ୍ଟ୍ରରେ ୬,୨୪, ୩୭୬କୋଟି ଓ ତାମିଲନାଡୁରେ ୪,୨୨,୩୩୦କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି। ନୀତି ଆୟୋଗର 'ଇଜ୍ ଅଫ୍ ଡୁଇଂ' ବିଜନେସରେ ରାଜ୍ୟର ପାହ୍ୟା ୭ରୁ ଖସି ୨୯ରେ ପହଁଚିଲାଣି। ଶିଳ୍ପାୟନ ପ୍ରତିଷ୍ଠାନର ତୁମ୍ବିତୋଫାନ୍ କରୁଥିବା ବେଳେ ରାଜ୍ୟର କାରଖାନା ସଂଖ୍ୟା ମାତ୍ର ୩,୦୬୩। ଆନ୍ଧ୍ର (୧୬,୭୩୯), ଗୁଜୁରାଟ (୨୬,୮୪୨), ହରିଆନା (୧୧,୮୩୫), ପଞ୍ଜାବ ( ୧୨,୮୨୫), ରାଜସ୍ଥାନ (୯, ୪୨୪), ତାମିଲନାଡୁ (୩୮,୧୩୧), ତେଲେଙ୍ଗାନା ( ୧୫,୧୬୬), ଉତରପ୍ରଦେଶ (୧୫,୮୫୪), ପଶ୍ଚିମବଙ୍ଗ ( ୯,୪୨୦) ଭଳି ଶିଳ୍ପୋନ୍ନତ ରାଜ୍ୟ ତ ଦୂରର କଥା ଆସାମ ( ୫,୦୨୦), ବିହାର (୩,୪୨୨), ଛତିଶଗଡ (୩,୫୭୬) ଭଳି ପଛୁଆ ରାଜ୍ୟମାନେ ମଧ କାରଖାନା ସଂଖ୍ୟା ଦୃଷ୍ଟିରୁ ଆମ ଆଗରେ ଅଛନ୍ତି। ତଥ୍ୟାନୁଯାୟୀ; ଭାରତର ପ୍ରତ୍ୟେକ ୧୦୦୦ ସହରୀ ଜନସଂଖ୍ୟାରେ ୭୭ଜଣଙ୍କ ପାଖରେ ନିଯୁକ୍ତି ନଥିବାବେଳେ ଓଡିଶାରେ ଏହା ୧୨୭।ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତାକୁ ଏକ ବଡ ଉପଲବ୍ଧି ଭାବେ ଡିଣ୍ଡିମ ପିଟୁଛନ୍ତି ରାଜ୍ୟ ସରକାର। କିନ୍ତୁ ଭାରତୀୟ ସହରାଂଚଳର ପ୍ରତ୍ୟେକ ୧୦୦୦ ମହିଳାଙ୍କ ଭିତରେ ୯୯ଜଣ ବେରୋଜଗାର ଥିବାବେଳେ ଓଡିଶାରେ ଏହା ୨୧୯। ଭାରତର ମୁଣ୍ଡପିଛା ନିଟ୍ ଘରୋଇ ଉତ୍ପାଦନ ୧,୨୧,୨୬୭ ଟଙ୍କା ଥିବାବେଳେ ଓଡିଶାର ମୁଣ୍ଡପିଛା ନିଟ୍ ରାଜ୍ୟ ଘରୋଇ ଉତ୍ପାଦନ ୧,୦୯,୭୩୦ଟଙ୍କା। ଦେଶର ଶିଶୁ ମୃତ୍ୟୁ ହାର ୩୨ ଥିଲାବେଳେ ଓଡିଶାରେ ୪୦; ଯାହାକି ଦେଶର ୫ମ ସର୍ବାଧିକ। ଓଡିଶାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ତୁଳନାରେ ୪୬୧ ଡାକ୍ତର ପଦବୀ ଖାଲି ପଡିଛି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଋଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ମ୍ୟାନମାରରେ ମହାସଙ୍କଟ

ଗଣତନ୍ତ୍ରର ମୁଖରୋଧ କରିବା ପାଇଁ ପୃଥିବୀର ରାଜନୈତିକ ଇତିହାସରେ ବାରମ୍ବାର ଲୋକଙ୍କ ମୁହଁରେ ତୁଞ୍ଚା ବାନ୍ଧିବାକୁ ସେନା ସରକାରମାନେ ପ୍ରୟାସ କରିଆସିଛନ୍ତି । ଆଜି ମଧ୍ୟ ଠିକ୍ ସେହିପରି କାର୍ଯ୍ୟ କରିଚାଲିଛି ଭାରତର ପଡୋଶୀ ରାଷ୍ଟ୍ର ମ୍ୟାନମାରର ସେନା (ଜୁଣ୍ଟା) ସରକାର । ଗତ ଫେବୃଆରୀ ମାସରେ ଦେଶର ଗଣତାନ୍ତ୍ରିକ ସରକାରକୁ ବଳ ପ୍ରୟୋଗ କରି ହଟାଇବା ପରେ ଜୁଣ୍ଟା କର୍ତ୍ତୃପକ୍ଷ ପୂର୍ବତନ ରାଷ୍ଟ୍ର କାଉନସିଲର ଅଙ୍ଗସାନ ସୁ କୀଙ୍କୁ ଅଟକବନ୍ଦୀ ରଖିଥିଲେ । ଆଗାମୀ ଦିନରେ ସୁ କୀଙ୍କୁ ଜେଲରେ ରଖି ୨୦୨୩ରେ ନିର୍ବାଚନ କରିବାକୁ ଜୁଣ୍ଟା ସରକାରର ଅଭିସନ୍ଧି ରହିଛି । ସେହି ଯୋଜନାକ୍ରମେ ନିକଟରେ ତାଙ୍କ ବିରୋଧରେ ସେନା ଅଦାଲତରେ ବିଚାର କରାଯାଇ ଦୁଇ ବର୍ଷ ଜେଲଦଣ୍ଡ ଘୋଷଣା କରାଯାଇଛି । ଏହାଦ୍ୱାରା ପ୍ରତିପକ୍ଷ ଦଳ ଦୁର୍ବଳ ହେବ ଏବଂ ସେନା ହାତରେ ଅତୀତ ଦିନପରି କ୍ଷମତା ରହିବ ।

ନୋବେଲ ବିଜୟିନୀ ସୁ କୀଙ୍କ ବିରୋଧରେ ସେନା ସରକାର ପକ୍ଷରୁ ୧୧ଟି ଅଭିଯୋଗ ଅଣାଯାଇଛି । ସେଥିରେ ଦୁର୍ନୀତି, ୨୦୨୦ର ନିର୍ବାଚନ ପ୍ରଚାର ବେଳେ କୋରୋନା ନିୟମ ଭଙ୍ଗ କରିବା,ବେଆଇନ ଭାବେ ବିଦେଶୀ ବସ୍ତୁର ଆମଦାନୀ, ଔପନିବେଶିକ ସରକାର ଅମଳର ସରକାରୀ ଗୋପନ ତଥ୍ୟ ପ୍ରକଟ କରିବା ଆଦି ରହିଛି । ସବୁ ଅଭିଯୋଗର ବିଚାର ହୋଇ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ୧୦୦ ବର୍ଷରୁ ଅଧିକ କାଳ ପାଇଁ ଜେଲ ଭୋଗିବାକୁ ହେବ । ନିକଟରେ ମାତ୍ର ଦୁଇଟି ଅଭିଯୋଗ ଯଥା ସେନା ବିରୋଧରେ ଲୋକଙ୍କୁ ଉସ୍‌କେଇବା ଏବଂ କୋରୋନା-୧୯ ନିୟମର ଉଲ୍ଲଂଘନର ବିଚାର କରାଯାଇ ତାଙ୍କୁ ଦୁଇବର୍ଷ ଜେଲ ହୋଇଛି । ଏକଥା ସତ ଯେ ଦୀର୍ଘ ୫୦ବର୍ଷ ଧରି କ୍ଷମତାରେ ରହିଥିବା ସେନା ସରକାର କୌଣସି ମତେ ଦେଶରେ ସ୍ୱାଭାବିକ ଗଣତନ୍ତ୍ର ଆସିବା ସପକ୍ଷରେ ନାହିଁ । ତେଣୁ ଯେଉଁ ଗଣତନ୍ତ୍ର ସପକ୍ଷବାଦୀମାନେ ଜୁଣ୍ଟା ସରକାର ବିରୋଧରେ ଦେଶସାରା ପ୍ରଦର୍ଶନ ଜାରି ରଖିଛନ୍ତି, ସେମାନଙ୍କ ବିରୋଧରେ ଦମନଲୀଳା ଜାରି ରହିଛି । ଗିରଫଦାରିର ହିସାବ ରଖିବା ସମ୍ଭବ ହେଉନଥିବା ସ୍ଥଳେ ଆନ୍ଦୋଳନକାରୀମାନଙ୍କୁ ସେନା ଖୋଜି ଖୋଜି ହତ୍ୟା କରିବାରେ ବ୍ୟସ୍ତ ରହିଛି । ଗତ ଜୁଲାଇ ମାସରେ ବିରୋଧୀ ଦଳଙ୍କ ଭଲ ସମର୍ଥନ ଥିବା କାନି ସହରରେ ଚାରୋଟି ଘଟଣାରେ ସେନା ମୋଟରେ ୪୦ଜଣଙ୍କୁ ହତ୍ୟା କରିଥିବା ଖବର ଜଣାପଡିଛି । କାନି ସହରଟି କେନ୍ଦ୍ର ମ୍ୟାନମାରର ସାଗାଇଙ୍ଗ ଜିଲ୍ଲା ଅନ୍ତର୍ଗତ । ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୧୭ବର୍ଷର କିଶୋରମାନେ ମଧ୍ୟ ରହିଛନ୍ତି । ସବୁଠୁ ବଡ ହତ୍ୟା ୟିନ ଗ୍ରାମରେ ଘଟିଥିଲା । ଯେଉଁଠି ସେନା ୧୪ଜଣ ବ୍ୟକ୍ତିଙ୍କୁ ପିଟି ପିଟି ମାରିଲା ପରେ ସେମାନଙ୍କ ମୃତ ଦେହଗୁଡିକୁ ଏକ ଜଙ୍ଗଲଖାତରେ ଫୋପାଡି ଦିଆଯାଇଥିଲା । ମୃତ ଲୋକମାନଙ୍କୁ ମୃତ୍ୟୁ ପୂର୍ବରୁ ଅକଥନୀୟ ଶାରୀରିକ ଯନ୍ତ୍ରଣା ଦେବାକୁ ସେନା ଯବାନମାନେ ଭୁଲି ନଥିଲେ । ଲୋକମାନଙ୍କୁ ବାନ୍ଧିପକାଇ ମାଡ ଦେବା ସହ ପଥରମାଡ କରାଯାଇଥିଲା । ବନ୍ଧୁକ ବଟ୍‌ରେ ମଧ୍ୟ ଲୋକଙ୍କ ଶରୀରକୁ ଆଘାତ କରାଯାଇଥିଲା ।

ଗତ ଜୁଲାଇ ମାସରେ ଜି ବିନ ଡ୍ୱିନ ଗ୍ରାମ ନିକଟରେ କ୍ଷତବିକ୍ଷତ ୧୨ଟି ଶବ ମିଳିଥିଲା । ସେମାନଙ୍କୁ ସାମୂହିକ ପୋତାଯାଇଥିଲା । ସେମାନଙ୍କ ମଧ୍ୟରେ ଶିଶୁଟିଏ ଏବଂ ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତି ରହିଥିଲେ । ସାଧାରଣ ଲୋକେ ଏବେ ପିପୁଲସ ଡିଫେନ୍ସ ଫୋର୍ସ ଏବଂ ସେନା ମଧ୍ୟରେ ଚାଲିଥିବା ଲଢେଇରେ ବଳିପଡୁଛନ୍ତି । ଚୀନର ଆଦର୍ଶ ନେଇ ଚାଲି ଆସିଥିବା ମ୍ୟାନମାର ସେନା ସାମରିକ ବିଦ୍ରୋହ ମାଧ୍ୟମରେ ଗଣତାନ୍ତ୍ରିକ ନିର୍ବାଚିତ ସରକାରଙ୍କୁ କ୍ଷମତାରୁ ହଟେଇ କ୍ଷମତା ଦଖଲ କରିଛି । ତେଣୁ ନିଜର ଅପକର୍ମକୁ ଲୁଚାଇବାକୁ ବିଦେଶୀ ଗଣମାଧ୍ୟମକୁ ମ୍ୟାନମାରରେ କାର୍ଯ୍ୟ କରିବାକୁ ଅନୁମତି ଦେଉନାହିଁ ।



ବେସରକାରୀ ଗଣମାଧ୍ୟମଗୁଡିକ ଇତିମଧ୍ୟରେ ବନ୍ଦ ହୋଇଯାଇଛନ୍ତି । ଫଳରେ ମ୍ୟାନମାରର ଗ୍ରାମାଞ୍ଚଳରେ ପ୍ରତିଦିନ କଣ ଘଟୁଛି ତାର ଖବର ପାଇବା ସହଜ ନୁହେଁ । ତେବେ ୮ଡିସେମ୍ବର ମଧ୍ୟରେ ପ୍ରାୟ ୧୩୧୮ଜଣ ବ୍ୟକ୍ତିଙ୍କର ସେନା ଆକ୍ରମଣରେ ମୃତ୍ୟୁ ଘଟିଛି । ଗଣତନ୍ତ୍ରବାଦୀ ଆନ୍ଦୋଳନକାରୀ ୯୩ଜଣ ମହିଳାଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡିଛି । ଏବେ ସୁଦ୍ଧା ୧୦,୨୦୦ ଲୋକ ଭିନ୍ନ ଭିନ୍ନ ସ୍ଥାନରେ ଅଟକ ରହିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ୨୦୦୦ମହିଳା ରହିଛନ୍ତି । ଅନେକ ମହିଳା ଆନ୍ଦୋଳନକାରୀଙ୍କୁ ଜେରା ଆଳରେ ଯବାନମାନେ ଯୌନ ନିର୍ଯ୍ୟାତନା ଦେଉଛନ୍ତି । ଏଇନ ସୋଇ ମେ ନାମ୍ନୀ ଜଣେ ଆନ୍ଦୋଳନକାରୀ ମହିଳା ଛଅମାସ କାଳ ବନ୍ଦୀ ରହିଥିଲେ । ସେ ଯେଉଁ ଅନୁଭୂତି କହିଛନ୍ତି ତାହା କୌଣସି ପ୍ରକାରେ ବର୍ବରତାଠାରୁ କମ୍ ନୁହେଁ । ୧୦୦ ମହିଳା ରହିପାରିଲା ଭଳି କୋଠରୀରେ ପାଞ୍ଚଶହ ଅଟକବନ୍ଦୀଙ୍କୁ ରଖାଯାଉଥିବା ଯୋଗୁ ମହିଳାମାନେ ପାଳିକରି ଶୋଇବାକୁ ବାଧ୍ୟ ହେଉଛନ୍ତି । ଅକ୍ଟୋବର ମାସରେ ଆନ୍ତର୍ଜାତିକ ହସ୍ତକ୍ଷେପ ଯୋଗୁ ଜୁଣ୍ଟା ସରକାର ପ୍ରାୟ ପାଞ୍ଚହଜାର ଅଟକବନ୍ଦୀଙ୍କୁ ମୁକ୍ତ କରିଥିଲା । ଗତ ଅଗଷ୍ଟ ମାସରେ ୱାଇ ୱାଇ ମିଞ୍ଚ ନାମ୍ନୀ ମହିଳା ଆନ୍ଦୋଳନକାରୀଙ୍କ ମୃତ୍ୟୁ ସମସ୍ତଙ୍କୁ ଚକିତ କଲାପରି ଥିଲା । ଆନ୍ଦୋଳନକାରୀମାନେ ଯେଉଁ ଘରେ ଲୁଚି ରହିଥିଲେ ସେହି କୋଠା ଉପରେ ସେନା ଚଢାଉ କରିବା ସମୟରେ ସେମାନେ ଗିରଫ ହେବାକୁ ନାପସନ୍ଦ କରି କୋଠାରୁ ତଳକୁ ଡେଇଁ ପଡିଥିଲେ । ଘଟଣାରେ ଦୁଇଜଣ ମୃତ୍ୟୁବରଣ କରିଥିବା ସମୟରେ ତିନିଜଣ ଗୁରୁତର ଭାବେ ଆହତ ହୋଇଥିଲେ । ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ପରେ ସେନା ସେମାନଙ୍କ ମୃତ ଶରୀରକୁ ସାମୂହିକ ସମାଧି ଦେଇଥିଲା । ମୃତ ଆନ୍ଦୋଳନକାରୀଙ୍କ ପରିବାର ବର୍ଗଙ୍କୁ ସେମାନଙ୍କ ଅସ୍ଥି ନେବା ପାଇଁ ସୁଯୋଗ ପ୍ରଦାନ କରାଯାଇନଥିଲା । ମ୍ୟାନମାରର ରାଜଧାନୀ ନ୍ୟା ପି ଟରେ ସେନାର କ୍ଷମତା ଦଖଲର ସପ୍ତାହଟିଏ ପରେ ଯେଉଁ ଗଣଆନ୍ଦୋଳନ ହୋଇଥିଲା ସେଥିରେ ସେନା ଗୁଳିରେ ଜଣେ ଯୁବତୀ ମ୍ୟା ଥେ ଥେ ଖାୟିଙ୍କ ମୃତ୍ୟୁ ହୋଇଥିଲା ।ଏହି ଘଟଣାରେ ବ୍ୟଥିତ ହୋଇଥିବା ମହିଳା ବ୍ୟବସାୟୀ ୱାଇ ୱାଇ ମିଞ୍ଚ ଖାୟିଙ୍କ ପରିବାରବର୍ଗଙ୍କୁ ଅର୍ଥଦାନ କରିଥିଲେ । ଏକଥା ସତ ଯେ ସେନା ଦ୍ୱାରା କ୍ଷମତା ଦଖଲ ହେବାପରେ ମ୍ୟାନମାରର ସାଧାରଣ ଲୋକେ ଛୋଟ ଛୋଟ ଗୋଷ୍ଠୀ ଗଢି ନିଜ ନିଜର ଉଦ୍ୟମରେ ଆଜିଯାଏ ପ୍ରତିବାଦ ଜାରି ରଖିଛନ୍ତି । ସେମାନେ ବାରମ୍ବାର ରହିବା ସ୍ଥାନ ବଦଳ କରି ଲୋକଙ୍କ ମଧ୍ୟରେ ପ୍ରଚାର କରୁଛନ୍ତି, ଜୁଣ୍ଟା ସରକାରକୁ ବିରୋଧ କରୁଛନ୍ତି । ସେନା ସରକାରଙ୍କ ବର୍ବରତା ନେଇ ଯେତିକି ୟୁରୋପ ଏବଂ ଆମେରିକାର ଖବରକାଗଜରେ ତଥ୍ୟ ପ୍ରକାଶ ପାଉଛି ସେତିକି ନିକଟତର ରାଷ୍ଟ୍ର ଭାରତ, ବଙ୍ଗଳାଦେଶ ଓ ଚୀନରେ ପ୍ରକାଶ ପାଉନାହିଁ । ନିଜ ଦେଶର ଲୋକଙ୍କ ପ୍ରତି ପାଖ ପଡୋଶୀ ରାଷ୍ଟ୍ର ସହାନୁଭୂତି ପ୍ରକାଶ କରିବା ଜୁଣ୍ଟା ସରକାର ଚାହୁଁନାହିଁ । ସେନାଙ୍କ ଉତ୍ପୀଡନରେ ଯେଉଁମାନେ ଭାରତର ସୀମାରେ ମିଜୋରାମରେ ଆଶ୍ରୟ ନେଇଛନ୍ତି ସେମାନଙ୍କୁ ଭାରତ ସରକାର ମ୍ୟାନମାରକୁ ଫେରାଇ ଦେବାକୁ ଜୁଣ୍ଟା ସରକାର ଦାବୀ କରୁଛନ୍ତି । ସେଥିପାଇଁ ଯେଉଁ ତିକ୍ତତା ସୃଷ୍ଟି ହୋଇଛି ଦୁଇ ରାଷ୍ଟ୍ରର ସୀମାରେ ଥିବା ସନ୍ତ୍ରାସବାଦୀଙ୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନକୁ ଏବେ ମ୍ୟାନମାର ସେନା ସହଯୋଗ କରିବାକୁ ମନା କରିଦେଇଛି । କାରଣ ଏହି ସନ୍ତ୍ରାସବାଦୀମାନେ ମଣିପୁରରେ ଯବାନଙ୍କ ଉପରେ ଆକ୍ରମଣ କରି ମ୍ୟାନମାରକୁ ଚାଲିଯାଇଥିଲେ । ଚଳିତ ଡିସେମ୍ବର ମାସର ପ୍ରଥମ ସପ୍ତାହରେ ୟାଙ୍ଗନ (ରେଙ୍ଗୁନ) ସହରରେ ଆୟୋଜିତ ଏକ ବିକ୍ଷୋଭ ଶୋଭାଯାତ୍ରା ମଧ୍ୟକୁ ପଛପଟୁ ସେନା ଟ୍ରକମାଡି ଯିବାର ଭୟାନକ ଦୃଶ୍ୟର ଭିଡିଓ ଦେଖିବା ପରେ ମ୍ୟାନମାରର ଆଭ୍ୟନ୍ତରୀଣ ସ୍ଥିତି ବିଷୟରେ ଯେ କେହି ଅନୁମାନ କରିପାରିବ । ସେନା ସରକାରକୁ ବିରୋଧ କରି ବାହାରିଥିବା ସେହି ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇବା ସହ ଲୋକଙ୍କ ଉପରେ ଲାଠି ଚାଳନା କରାଯାଇଥିଲା । ସେହି ଘଟଣାର ତଥ୍ୟ ସଂଗ୍ରହ କରୁଥିବା ଜଣେ ସ୍ଥାନୀୟ ସାମ୍ବାଦିକଙ୍କୁ ସେନା ଉଠାଇନେବା ପରେ ସେ ଏବେ ନିଖୋଜ ରହିଛନ୍ତି ।

ଗତବର୍ଷର ନିର୍ବାଚନ ଜାଲିଆତି ପୂର୍ଣ୍ଣ ଥିବା କଥା କହି ସରକାରଙ୍କୁ କ୍ଷମତାଚ୍ୟୁତ କରାଯିବାକୁ ତର୍କସଙ୍ଗତ ବୋଲି ସେନା କହିଛି । ଭାରତର ସୀମାକୁ ଲାଗି ରହିଥିବା ଅନେକ ଗ୍ରାମରେ ସେନା ପ୍ରବେଶ କରି ସେମାନଙ୍କ ଚାଳ ଘରଗୁଡିକୁ ପୋଡି ଦେବା ଯୋଗୁ ହଜାର ହଜାର ଲୋକେ ବାସହରା ହୋଇ ଜଙ୍ଗଲ ମଧ୍ୟକୁ ଚାଲିଯାଉଛନ୍ତି କିମ୍ବା ଭାରତର ସୀମାରେ ପ୍ରବେଶ କରିବାକୁ ବାଧ୍ୟ ହେଉଛନ୍ତି । ମାଗୱେ ଅନ୍ତର୍ଗତ ଗଙ୍ଗା ଟାଉନସିପ୍‌ର ହନାନ ଖର ଗ୍ରାମରେ ୭ ଡିସେମ୍ବର ଦିନ ସେନାବାହିନୀ ଚଢାଉ କରିଥିଲେ । ୧୫୦ଜଣ ଯବାନଙ୍କ ସମେତ ତିନୋଟି ହେଲିକପଟର ଚଢାଉରେ ସାମିଲ ଥିଲେ । ଶୁକ୍ରବାରଠାରୁ ରବିବାର ସକାଳ ପର୍ଯ୍ୟନ୍ତ ସେନାବାହିନୀ ଅଞ୍ଚଳକୁ ଘେରାଉକରି ରଖିଥିଲେ । ଯବାନମାନେ ଚାଲିଯିବା ପରେ ଉଦ୍ଧାରକାରୀ ଦଳ ବ୍ୟାପକ ଖୋଜା ଖୋଜି ପରେ ୯ଟି ମୃତ ଦେହ ୨୧ ଡିସେମ୍ବର ଦିନ ପାଇଥିଲେ । ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୨ଜଣ ସେନା ସରକାର ବିରୋଧୀ ପିଡିଏଫ୍ କର୍ମୀ ଥିଲାବେଳେ ଅନ୍ୟମାନେ ଥିଲେ ସାଧାରଣ ଗ୍ରାମବାସୀ । ମୃତ ବ୍ୟକ୍ତିଙ୍କ ମଧ୍ୟରୁ ୬ଜଣ ଓ୍ୱେଲେ, ଜଣେ ଜାହାଓ୍ୱ ଏବଂ ଅନ୍ୟ ଦୁଇଜଣ ହନାନ ଖର ଗ୍ରାମର । ହନାନ ଖର ଗ୍ରାମର ମୃତ ଦୁଇଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ସେମାନେ ହେଲେ ଟିନ ହତେ (୪୦), କ୍ୟାଓ ହତେ (୪୫) । ଉଭୟ ବ୍ୟକ୍ତିଙ୍କ ହାତକୁ ପଛପଟେ ବାନ୍ଧି ଗୁଳି ମରାଯାଇଥିଲା । ଅନ୍ୟମାନଙ୍କୁ ଯବାନମାନେ ଅତି ନିକଟରୁ ଗୁଳି କରିଥିଲେ । ହେଲିକପ୍‌ଟରରୁ ବାହାରିବା କ୍ଷଣି ଯବାନମାନେ ଆଖିବୁଜା ଲୋକମାନଙ୍କ ଉପରେ ଗୁଳି ଚଳାଇଥିଲେ । ଚିହ୍ନଟ ମୃତ ବ୍ୟକ୍ତିମାନେ ହେଲେ ଥାର ଚିଟ (୧୫), ନାନ ୱାଇ ଅଙ୍ଗ୍ (୧୭), ଫୋଇ ଚିଟ (୧୮), ଫିଓ ୱାଇ ହଓ୍ୱେ (୨୦), ୱାଇ ଲିନ (୨୬), ପାଥିନେ (୩୦), ଜ ହତେ ଉ (୪୮) । ସେନା ଯବାନମାନେ ନିଆଁ ଲଗାଇ ଦେବା ଯୋଗୁ ପ୍ରାୟ ୧୦୦ ବସ୍ତା ଚାଉଳ, ତେଲ, ଶୁଖୁଆ, ଆଦି ୮ଲକ୍ଷ ଟଙ୍କା ମୂଲ୍ୟର ଖାଦ୍ୟସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଏହି ଘଟଣା ପରେ ପରେ ରବିବାର ୧୯ ଡିସେମ୍ବର ୨୦୨୧ ଦିନ ସେନା ସମର୍ଥକ ପ୍ୟୁ ସ ହତି ଉଗ୍ରବାଦୀ ଗୋଷ୍ଠୀ ସଦସ୍ୟ ଓ ଯବାନଙ୍କ ସମେତ ମୋଟ ୧୭ ଜଣଙ୍କୁ ସେନା ବିରୋଧୀ ଗୋଷ୍ଠୀ ହତ୍ୟା କରିଛନ୍ତି । ଏହାପରେ ପ୍ରାୟ ୫୦ଟି ସେନା ବାହିନୀର ଟ୍ରକ ସାଗାଇଙ୍ଗର ପାଲେ ସହରାଞ୍ଚଳ ଦିଗରେ ଯାତ୍ରା କରିଥିଲେ । କରେନ୍ନି ସିଭିଲ ସୋସାଇଟୀ ନେଟୱାର୍କର ସୂଚନା ଅନୁଯାୟୀ ସେନା କ୍ଷମତା ଦଖଲ ପରେ କାୟା ଷ୍ଟେଟ ଏବଂ ଦକ୍ଷିଣ ମ୍ୟାନମାରର ସାନ ଷ୍ଟେଟର ପେଖନ ଟାଉନସିପ୍ ଅଞ୍ଚଳରେ ପ୍ରାୟ ୧୫୦,୦୦୦ ଲୋକ ବାସ୍ତୁହରା ହୋଇପଡିଛନ୍ତି । ସେନାକୁ ବିରୋଧ କରୁଥିବା କାରେନ୍ନି ନେସନାଲିଟିଜ୍ ଡିଫେନ୍ସ ଫୋର୍ସର ଲଢେଇ ଜାରିଥିବା ଯୋଗୁ ଲୋକମାନେ ସେମାନଙ୍କ ଗ୍ରାମକୁ ଫେରିପାରୁ ନାହାନ୍ତି । ମ୍ୟାନମାରର ବାସ୍ତୁହରା ଲୋକେ ପାନୀୟ ଜଳ, ଜାଳେଣି କାଠ ଏବଂ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି ।

ଚୀନ ଷ୍ଟେଟରେ ସେନା ସପକ୍ଷବାଦୀ ଗୋଷ୍ଠୀ ଜୋମି ରିଭୋଲ୍ୟୁସନାରୀ ଆର୍ମି ବିରୋଧରେ ଚୀନ ନେସନାଲ ଫ୍ରଣ୍ଟ ଗୋଷ୍ଠୀ ଲଢେଇ ଜାରି ରଖିଛି । ନିକଟରେ ପିପୁଲସ ଡିଫେନ୍ସ ଫୋର୍ସ ଜୋଲାଣ୍ଡର ଜଣେ ନେତା ସିନ୍ ସିଆନ ସୁମ୍‌ଙ୍କୁ ଜୋମି ଗୋଷ୍ଠୀ ହତ୍ୟା କରିଥିବା ଅଭିଯୋଗ ଉଠିଛି । ୧୯୯୩ରେ ଜୋମି ଗୋଷ୍ଠୀ ଗଠିତ ହୋଇଥିଲେ ହେଁ ପରେ ସେମାନେ ସୀମା ସୁରକ୍ଷାରେ ସାମିଲ ହୋଇଥିଲେ । ମଣିପୁରରେ ଏମାନଙ୍କ କେନ୍ଦ୍ର ରହିଥିବା କଥା କୁହାଯାଉଛି ।

ଗତ ୧ ଫେବୃଆରୀରେ ସେନା କ୍ଷମତାକୁ ଦଖଲ କରିବା ପରେ ମ୍ୟାନମାର ଅର୍ଥନୀତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ବିଦେଶୀ ପୁଞ୍ଜି ନିବେଶକ ଏବଂ ଅର୍ଥଦାତାମାନେ ସରକାରଙ୍କ ଉପରୁ ବିଶ୍ୱାସ ହରାଇବା ପରେ ୬ କୋଟି ୨୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମ୍ୟାନମାରର ଅର୍ଥ ବଜାର ଭାଙ୍ଗି ପଡିଛି । ୨୦୨୧ରେ ଦେଶର ଅର୍ଥନୀତି ୧୮ ପ୍ରତିଶତ ହ୍ରାସ ପାଇବ ବୋଲି ଏକ ବ୍ୟାଙ୍କ ସଂସ୍ଥା ଏଡିବି ଆକଳନ କରିଛି । ଏବେ କଳାବଜାରୀ, ଦୁର୍ନୀତି, ଡଲାର ଜମାଖୋରି ବଢିବା ଯୋଗୁ ବାଣିଜ୍ୟ ଗତ ଦଶମାସ ମଧ୍ୟରେ ୨୦ ପ୍ରତିଶତ ହ୍ରାସ ପାଇ ପ୍ରାୟ ୩୬୮ ମିଲିଅନ ଡଲାର କ୍ଷତି ହୋଇସାରିଲାଣି । ଦେଶରେ ଦୁଇକୋଟି ଲୋକ ଦାରିଦ୍ର୍ୟ ମଧ୍ୟରେ ବୁଡି ରହିଛନ୍ତି । ଲୋକଙ୍କ ସହାୟତା ପାଇଁ ଚଳିତବର୍ଷ ୩୮୫ ମିଲିଅନ ଡଲାର ଆବଶ୍ୟକ ହେବ ବୋଲି ଜାତିସଂଘ ସଂଯୋଜକ କିର୍କଉଡ୍ କହିଛନ୍ତି । ଏଥିରୁ ଯାହା ଜଣାପଡୁଛି ମ୍ୟାନମାର ଆଗାମୀ ଦିନରେ ଆଫଗାନିସ୍ଥାନ ଓ ସିରିଆ ପରି ମହାସଙ୍କଟ ଆଡକୁ ଗତି କରୁଛି । ମ୍ୟାନମାରର ଅସ୍ଥିରତା ଭାରତର ସୀମାରେ ଅଧିକ ଶରଣାର୍ଥୀଙ୍କ ଆସିବା ପରି ସମସ୍ୟା ସୃଷ୍ଟି କରିବ । ତେଣୁ ଡିସେମ୍ବର ୨୨-୨୩ (୨୦୨୧) ଦୁଇଦିନ ପାଇଁ ଭାରତର ବିଦେଶ ସଚିବ ହର୍ଷବର୍ଦ୍ଧନ ସ୍ରିଙ୍ଗଲା ମ୍ୟାନମାର ଗସ୍ତ କରିଥିଲେ । ଏହି ଅବସରରେ ସେ ମ୍ୟାନମାରର ନେସନାଲ ଲିଗ୍ ଫର ଡେମୋକ୍ରେସୀ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ସହ ଆଲୋଚନା କରିଥିଲେ । ମ୍ୟାନମାରରେ ଗଣତାନ୍ତ୍ରିକ ସରକାର ସ୍ଥାପନା, ବନ୍ଦୀମାନଙ୍କ ମୁକ୍ତି, ଆଲୋଚନା ମାଧ୍ୟମରେ ସମାଧାନ, ସମସ୍ତ ପ୍ରକାର ହିଂସାକାଣ୍ଡକୁ ବନ୍ଦ କରିବା ଉପରେ ଜୋର ଦେଇଥିଲେ । ମ୍ୟାନମାର ରେଡକ୍ରସ ସୋସାଇଟୀକୁ ୧୦ଲକ୍ଷ କୋରୋନା ଟିକା ପ୍ରଦାନ ସହ ଆଗାମୀ ଦିନରେ ୧୦,୦୦୦ଟନ ଚାଉଳ ଓ ଗହମ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମ୍ୟାନମାର ଶାସନର ମୁଖ୍ୟ ଜେନେରାଲ ମିନ ଅଙ୍ଗ୍ ହଲିଙ୍ଗଙ୍କ ସହ ସାକ୍ଷାତ କରି ଦୁଇଦେଶର ଦ୍ୱିପାକ୍ଷିକ ସଂପର୍କକୁ ଆଗାମୀ ଦିନରେ ସୁଦୃଢ କରିବା ପାଇଁ ଆଶାବ୍ୟକ୍ତ କରିଥିଲେ ।

**ସୌମେନ୍ଦ୍ର ଜେନା**
**ଭାରତୀୟ ସମ୍ବାଦ ସେବା (ଭାସ୍),**
**ଭୁବନେଶ୍ୱର-୭୫୧୦୦୩**

# ପୁରାତନ ଛାତ୍ରସଂଘର ମିଟ୍ ଦ ଆଲୁମ୍ନି ବକ୍ତୃତାମାଳା

ଭୁବନେଶ୍ୱର (ପିଏନ୍): ଛାତ୍ରଛାତ୍ରୀମାନେ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖିବା ସହିତ ନିଜର ଏକନିଷ୍ଠ ସାଧନା ଓ କଠିନ ପରିଶ୍ରମ ଦ୍ୱାରା ତାକୁ ଚରିତାର୍ଥ କରନ୍ତୁ ବୋଲି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ, ନୃତ୍ୟ ନିର୍ଦ୍ଦେଶିକା ତଥା ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଆହ୍ୱାନ ଦେଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରସଂଘ ଓ ଆଲୁମ୍ନି କନେକ୍ଟର ମିଳିତ ପ୍ରୟାସରେ ଅନୁଷ୍ଠିତ ମିଟ୍ ଦ ଆଲୁମ୍ନି ବକ୍ତୃତାମାଳା ଶୃଙ୍ଖଳାର ଅଷ୍ଟମ ବକ୍ତୃତା ପ୍ରଦାନ କରି ସେ ଏହି ଆହ୍ୱାନ ଦେଇଛନ୍ତି ।

ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱବିଦ୍ୟାଳୟର ଯଶସ୍ୱୀ ପୁରାତନ ଛାତ୍ରୀ ପଦ୍ମଶ୍ରୀ ଅରୁଣା ମହାନ୍ତି ନୃତ୍ୟ ସହିତ ଦୈନନ୍ଦିନ ଜୀବନର ସମ୍ପର୍କ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ଶାସ୍ତ୍ରୀୟ ନୃତ୍ୟ ମାଧ୍ୟମରେ ଆଧାତ୍ମିକ ଅନୁଭୂତି ସହ ପରମାତ୍ମାଙ୍କ ସ୍ଥିତିକୁ ଅନୁଭବ କରିହେବ । ଭାରତୀୟ ସଂସ୍କୃତି, ଭାରତୀୟ ଶାସ୍ତ୍ରୀୟ/ ପାରମ୍ପରିକ ନୃତ୍ୟ ବନାମ ଆଧୁନିକ ନୃତ୍ୟଶୈଳୀ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିବା ସହିତ ନିଜ ଜୀବନର ଅନେକ ସ୍ମୃତି, ସଂଘର୍ଷ ଓ ସଫଳତାର ଅନୁଭୂତି ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ । କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ରୂପେ ସ୍ୱକୀୟ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ଉନ୍ନତିରେ ଛାତ୍ରସଂଘର ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହିତ ପଦ୍ମଶ୍ରୀ ଅରୁଣାଙ୍କ ସାଧନା ଓ ଅଧ୍ୟବସାୟ ଦ୍ୱାରା ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।

କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ଉପ ସଭାପତି ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ଆଲୁମ୍ନି କନେକ୍ଟର ସଂଯୋଜକ ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରିଶେଷରେ ପୁରାତନ ଛାତ୍ରସଂଘର ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟା ଶ୍ରୀମତୀ ଅନିନ୍ଦିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୁରାତନ ଛାତ୍ରସଂଘର ଯୁଗ୍ମ କୋଷାଧ୍ୟକ୍ଷ ଡକ୍ଟର ବୀରକିଶୋର ଦାଶ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଡକ୍ଟର ଅମୀୟ କୁମାର ମହାନ୍ତି, ଡକ୍ଟର ମନୋରଞ୍ଜନ ଭୂୟାଁ, ତପନ ଜେନାଙ୍କ ସମେତ ହରେକୃଷ୍ଣ ଶିଆଳ, ମିହିର କୁମାର ରାୟ, ଲକ୍ଷ୍ମୀଧର ଚାନ୍ଦ, ପ୍ରବୀର କୁମାର ମହାପାତ୍ର, ରତନ ଦିଗାଳ ତଥା ବିଶ୍ୱବିଦ୍ୟାଳୟ ତରଫରୁ ଆଲୁମ୍ନି କନେକ୍ଟର ସଦାସ୍ୟ ସହକାରୀ ପ୍ରଫେସର ଆଶିଷ ଚନ୍ଦ୍ର ପାଠୀ, ପ୍ରଫେସର ଦାଶରଥୀ ସାହୁ, ପ୍ରଫେସର ସୁବାସ ଦାସ, ପ୍ରଫେସର ମିତାଲି ଚିନାରା, ପ୍ରଫେସର ରବି ନାରାୟଣ ମଣ୍ଡଳ, ସହକାରୀ ପ୍ରଫେସର ଅଷ୍ଟମା କୁମାରୀ, ଗୌତମ କୁମାର ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିଥିଲେ ।

# ମନ୍ତ୍ରୀ ପ୍ରତାପ ଜେନାଙ୍କ ଜିଲ୍ଲା କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା




କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ପଞ୍ଚାୟତରାଜ, ଆଇନ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଜିଲ୍ଲାପାଳଙ୍କ ଓସଓ୍ୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସ ଯୋଗେ ରାଜ୍ୟ କ୍ୟାବିନେଟ ବୈଠକରେ ଯୋଗଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ସମୀକ୍ଷା କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା ପାନୀୟ ଜଳ ଯୋଗାଣ ବିଭାଗ ଅଧିନ ଅଚଳ ହୋଇପଡିଥିବା ଜିଲ୍ଲାର ୨୫୯ଟି ନଳକୂପକୁ ସଚଳ କରାଯିବା, ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଓ ଶିକ୍ଷାନୁଷ୍ଠାନରେ ଅବିରତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା, ଅବିରତ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହ ସରକାରଙ୍କ ପକ୍ଷରୁ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଲଗାଯାଇଥିବା ହାଇମାକ୍ସ ଲାଇଟଗୁଡିକ ଜଳିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ, ପଟ୍ଟାମୁଣ୍ଡାଇ ବ୍ଲକର ତନୁପୁର- ବାଲିପାଟଣା ବାଇପାସ ରାସ୍ତାକୁ ଟ୍ରକ, ବସ ଓ ଅଗ୍ନିଶମ ଗାଡି ଯାଇପାରିବା ଭଳି ଏକ ସ୍ୱତନ୍ତ୍ର ବିକଳ୍ପ ରାସ୍ତା ନିର୍ମାଣ ନିମନ୍ତେ ବ୍ୟୟ ଅଟ୍ଟକଳ ପ୍ରସ୍ତୁତ କରି ରାଜ୍ୟ ପୂର୍ତ୍ତ ବିଭାଗକୁ ପଠାଇବା, ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଗମନାଗମନ ଓ ବିଦ୍ୟୁତ ବ୍ୟବସ୍ଥାକୁ ସୁଗମ କରିବା, ରାଜନଗରକୁ ଶ୍ରୀରାମପୁର, ଡାମରା ଓ ଅଢାଜୋରୀ ଦେଇ ପ୍ରତିଦିନ ଯାତ୍ରୀବାହୀ ବସ ଚଳାଚଳ କରିବା ଏବଂ ସରକାରଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାଇ ଖୁଚୁରା ବିକ୍ରେତାଙ୍କ ବଦଳରେ ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକୁ ଖୁଚୁରା ଜିନିଷ ବିକ୍ରୀର ଦାୟୀତ୍ୱ ହସ୍ତାନ୍ତର କରାଯିବା ପ୍ରଭୃତି ସମ୍ପର୍କରେ ସମୀକ୍ଷା କରି ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ, ଜଳ ଯୋଗାଣ ଓ ପରିମଳ ଡିଭିଜନର ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡା ଟିପିସିଓଡିଏଲ ଡିଭିଜନର ସହକାରୀ ସାଧାରଣ ପ୍ରବନ୍ଧକ ପ୍ରଦୀପ୍ତ କୁମାର ଦାଶ, ପ୍ରଦ୍ୟୁମ୍ନ ସାମନ୍ତରାୟ, କିଶୋର ଜେନା, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଜିଲ୍ଲା ଜାତୀୟସ୍ତରରେ ସ୍ୱଚ୍ଛତାରେ ଶ୍ରେଷ୍ଠ, କିନ୍ତୁ ରାସ୍ତା ଅଳିଆ ଆବର୍ଜନା ଓ ଗୋରୁରେ ଭର୍ତ୍ତି

ବାଲେଶ୍ୱର (ପିଏନ୍)- ଜାତୀୟ ଓ ରାଜ୍ୟସ୍ତରରେ ବାଲେଶ୍ୱର ସ୍ୱଚ୍ଛତାରେ ଶ୍ରେଷ୍ଠ ପୁରଷ୍କାର ପାଇଥିବା ବେଳେ ଏହାର ସଠିକ ଅବସ୍ଥା ବାଲେଶ୍ୱରବାସୀ ଭୋଗ କରୁଛନ୍ତି । ବାଲେଶ୍ୱର ସହରର ଟାମୁଳିଆ ଓଭର ବ୍ରିଜ୍‌ଠାରୁ ଆରମ୍ଭ କରି ଷ୍ଟେସନ ଛକ ପର୍ଯ୍ୟନ୍ତ ବୁଲା ଗୋରୁଗାଇଙ୍କର ଆଡ୍ଡା ଜମିଛି । ରାସ୍ତାରେ ପନ୍ଥ ପନ୍ଥ ଗୋରୁ ଯାତାୟାତ କରୁଥିବା ଏବଂ ଶୋଉଥିବାରୁ ବିଭିନ୍ନ ସମୟରେ ଦୂର୍ଘଟଣାମାନ ଘଟୁଛି । ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ବୁଲୁଥିବା ଗୋରୁମାନଙ୍କର ମାଲିକମାନଙ୍କୁ ତାଗିଦ୍ କରାଯାଇଥିଲା । ଏକ ସପ୍ତାହ ମଧ୍ୟରେ ନିଜ ଗୋରୁମାନଙ୍କୁ ଆୟତରେ ନ ରଖିଲେ ପୌରପାଳିକା ପକ୍ଷରୁ ସେମାନଙ୍କୁ ନେଇ ଗୋଶାଳାରେ ରଖାଯିବ ଏବଂ ସେଠାରେ ଟଙ୍କା ଦେଇ ଗୋରୁ ଆଣିବାକୁ ପଡ଼ିବ । ମାତ୍ର ଏହି ତାଗିଦ୍‌କୁ ସହରର ଲୋକେ ତିଳେମାତ୍ର ଖାତିର କରୁନାହାନ୍ତି । ଏବେ ସବୁ ରାସ୍ତାର ଛକମାନଙ୍କରେ ବୁଲା ଗୋରୁଙ୍କର ଦୌରାତ୍ମ୍ୟ ରହିଛି । ସେହିପରି ପୌରପାଳିକା ଦ୍ୱାରା ନିଯୁକ୍ତ ସଫେଇ କର୍ମଚାରୀମାନେ ରାସ୍ତା ପାଖ ନାଳରୁ ଅଳିଆ କାଢ଼ି ରାସ୍ତା ଉପରେ ଜମା କରି ଦେଉଛନ୍ତି । ଅଳିଆ ଗାଡ଼ି ସବୁ ଏକ ସମୟରେ ନେଇପାରୁ ନ ଥିବାରୁ ତାହା ରାସ୍ତା ଉପରେ ଜମା ହେବା ସହ ଦୁର୍ଗନ୍ଧରେ ସେ ଅଞ୍ଚଳ ଦୂଷିତ ହେଉଛି । ପଥଚାରୀମାନେ ରାସ୍ତାରେ ଯିବା ସମୟରେ ଦୁର୍ଗନ୍ଧ ଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି । ଯେଉଁ ଛକ ପାଖରେ ରାସ୍ତାରେ ବର୍ଷା ଯୋଗୁ ଖାଲ ହେଉଛି ସେଥିରେ ଏହି ଅଳିଆକୁ ମଧ୍ୟ ପକାଇଦେଉଛନ୍ତି । ଫଳରେ ଜନଅସନ୍ତୋଷ ସୃଷ୍ଟି ହେଉଛି । ଜିଲ୍ଲାରେ ଦୁଇଜଣ ଆଇଏସ୍ ଅଧିକାରୀ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପୌରପାଳିକା ଦାୟିତ୍ୱରେ ରହିଥିଲେ ମଧ୍ୟ ସହର ସ୍ୱଚ୍ଛ ରହି ନ ପାରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ବୁଦ୍ଧିଜୀବୀ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

## ଠିପି ଖୋଲା ମଦ ଦୋକାନକୁ ବିରୋଧ

ବାଲେଶ୍ୱର (ପିଏନ୍)-ବସ୍ତା ବ୍ଲକ ଅନ୍ତର୍ଗତ ବରୁଣଗଡ଼ିଆ ପଞ୍ଚାୟତରେ ସରକାରୀ ଠିପି ଖୋଲା ମଦ ଦୋକାନକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟ ମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ସରପଞ୍ଚ ଲିପିକା ରାଉଳଙ୍କ ନେତୃତ୍ୱର ବହୁ ୱାର୍ଡ ସଭ୍ୟସଭ୍ୟା ଓ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଠିପିଖୋଲା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି । ବାରମ୍ବାର ପ୍ରତିବାଦ ସତ୍ତ୍ୱେ ପୂର୍ବରୁ ବରୁଣ ଗଡ଼ିଆ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଏକ ଠିପି ବନ୍ଦ ମଦ ଦୋକାନ ଖୋଲାଯାଇଥିଲା । ଏବେ ପୁଣି ଏହି ପଞ୍ଚାୟତରେ ଆଉ ଏକ ଠିପି ଖୋଲା ମଦ ଦୋକାନ ଖୋଲା ଯିବା ଦ୍ୱାରା ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ ଜନିତ ଆଶଙ୍କା ରହିଛି । ଏହାସହିତ ଏହା ନିକଟରେ ଥିବା କିଆ ପଣଶି ଓ ଉଦୟପୁର ଲୋକଙ୍କ ପାଇଁ ଏହି ଦୋକାନ ଅତ୍ୟନ୍ତ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରିବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି । ସେହି ରାସ୍ତା ଦେଇ ମହିଳା ଓ ଛାତ୍ରଛାତ୍ରୀ ଯାତାୟାତ କରିବା କଷ୍ଟକର ହୋଇପଡ଼ିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଅତି ଶୀଘ୍ର ଏହି ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନ ଅନ୍ୟ ପଞ୍ଚାୟତ ବା ଅନ୍ୟ ବ୍ଲକକୁ ସ୍ଥାନାନ୍ତର ପାଇଁ ପଞ୍ଚାୟତବାସୀ ଦାବୀ କରିଛନ୍ତି । ଜିଲ୍ଲା ପ୍ରଶାସନ ଏହି ନିଷ୍ପତ୍ତି ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ପଞ୍ଚାୟତର ମହିଳାମାନେ ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ ଶ୍ରୀମତୀ ରାଉଳ ଚେତାବନୀ ଦେଇଛନ୍ତି ।

## ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)- ପୂର୍ବତନ ଅର୍ଥମନ୍ତ୍ରୀ ତଥା ଗଂଜାମ ଜିଲ୍ଲାର ଜଣେ ଟାଣୁଆ ଜନନେତା ଭାବେ ପରିଚିତ ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ରାମକୃଷ୍ଣବାବୁଙ୍କ ସହିତ ତାଙ୍କର ଦୀର୍ଘଦିନର ବ୍ୟକ୍ତିଗତ ସମ୍ପର୍କ ରହିଆସିଛି । ଆଜି ତାଙ୍କ ବିୟୋଗ ଖବର ମୋତେ ଦାରୁଣ ଦୁଃଖ ସହ ଗଭୀର ମର୍ମାହତ କରିଛି । ରାଜ୍ୟ ରାଜନୀତିରେ ରାମକୃଷ୍ଣବାବୁ ଜଣେ ଟାଣୁଆ ନେତା ଥିଲେ । ସ୍ୱର୍ଗତଃ ରାମକୃଷ୍ଣବାବୁ ଜଣେ ଅର୍ଥନୀତିଜ୍ଞ ଭାବେ ଜଣାଶୁଣା ଥିଲେ । ଗଂଜାମ ଜିଲ୍ଲାରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଅର୍ଥ, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇ ରାଜ୍ୟ ପାଇଁ ଅନେକ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି । ଯାହାକି ତାଙ୍କୁ ଚିରଦିନ ପାଇଁ ସ୍ମରଣୀୟ କରି ରଖିବ । ସେ ଜଣେ ସରଳ, ନିଷ୍କପଟ, ସ୍ପଷ୍ଟବାଦୀ, ପରୋପକାରୀ ଜନନେତା ଭାବେ ଗଂଜାମ ଜିଲ୍ଲା ସମେତ ରାଜ୍ୟରେ ଆଦୃତିଲାଭ କରିଥିଲେ । ତାଙ୍କ ବିୟୋଗରେ ରାଜନୀତିରେ ଏକ ଅପୂରଣୀୟ କ୍ଷତି ଘଟିଲା । ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ।

## ଚୋରି ମଟର ସାଇକେଲ ଜବତ ସହ ଅଭିଯୁକ୍ତ ଗିରଫ



ପାରାଦୀପ (ପିଏନ୍)- ପାରାଦୀପ ଆଦର୍ଶ ଥାନାର ଅନତି ଦୂରରେ ଥିବା ବଡପଡିଆ ମାର୍କେଟରୁ ଏକ ହିରୋ ହୋଣ୍ଡା ମୋଟର ସାଇକେଲ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଘଟଣାର ତଦନ୍ତ କରି ପୋଲିସ୍ ସାଗର ପୋଦାର (୨୩)କୁ ଗିରଫ କରିଛି । ଅଭିଯୁକ୍ତ ନିକଟସ୍ଥ ଅଠରବାଙ୍କୀ ଲକ୍‌ପଡାର ସଂଜୟ ପୋଦାରଙ୍କ ପୁଅ । ତା' ନିକଟରୁ ଚୋରି ମୋଟର ସାଇକେଲ୍ ଓ.ଆର୍.-୦୫-ଏକ୍ୟୁ.-୫୮୬୯ ହିରୋ ହୋଣ୍ଡା ସିଡି ଡିଲକ୍ସ ଜବତ କରିବା ସହ ଅଭିଯୁକ୍ତ ସାଗରକୁ ୨୯/୧୨/୨୧ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ସିପିଆଇର ଗଣ ବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): ଡିସେମ୍ବରର ବାତ୍ୟା 'ଜୱାଦ' ଚାଷୀର ଆହାର ମୁହଁରେ ପାହାର ବସାଇ ତାହାର ଜୀବନ ଜୀବିକାକୁ ଦୁର୍ବିସହ କରିଦେଇଥିବା ବେଳେ ଏହି ସମୟରେ ସରକାରୀ ପଦାଧିକାରୀମାନଙ୍କ ଚାଷୀଙ୍କ ପ୍ରତି ଆଚରଣ ସେମାନଙ୍କ ଦୁଃଖ ଦୁର୍ଦଶାକୁ ଆହୁରି ବଢାଇ ଦେଇଥିବାର ଅଭିଯୋଗ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଆନ୍ଦୋଳନ ସଂଗଠିତ ହୋଇଯାଇଛି । ବାତ୍ୟା ଜନିତ ଫସଲ କ୍ଷୟକ୍ଷତିର ଆକଳନ କରିବାକୁ ଯାଉଥିବା ସରକାରୀ କର୍ମଚାରୀ ଚାଷୀମାନେ କ୍ଷତିପୂରଣ ନପାଇବା ଅନୁରୂପ ରିପୋର୍ଟ ସରକାରଙ୍କୁ ଦେଇଥିବା କାରଣରୁ ବହୁ ସଂଖ୍ୟକ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ ବୋଲି ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇ ଏହାର ନିରାକରଣ ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି । ଏଥିସହିତ କ୍ଷତିଗ୍ରସ୍ତ ଧାନ ଫସଲର ଏକର ପ୍ରତି ୨୦ହଜାର ଟଙ୍କା ଏବଂ ପନିପରିବା ପାଇଁ ଏକର ପ୍ରତି ୩୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ, ବୀମା କମ୍ପାନୀମାନଙ୍କ ଠାରୁ କୃଷକମାନଙ୍କୁ ବୀମାଭୁକ୍ତ ଫସଲର କ୍ଷତିଜନିତ ବୀମାରାଶି ପ୍ରଦାନ କାର୍ଯ୍ୟକୁ ସରକାରୀ ତତ୍ତ୍ୱାବଧାନରେ ନିଶ୍ଚିତ କରିବା, ଚଳିତ ସିଜିନ ପାଇଁ କରାଯାଇଥିବା ସମସ୍ତ ପ୍ରକାର କୃଷିଋଣ ସୁଧ ସହ ଛାଡ କରିବା, ଚାଷୀ ଉତ୍ପାଦିତ ଫସଲର ସହାୟକ ମୂଲ୍ୟ ବଦଳରେ ଲାଭଜନକ ମୂଲ୍ୟ ଧାର୍ଯ୍ୟ କରିବା, ଆଗାମୀ ରବି ଫସଲ ପାଇଁ ସାର, ବିହନ, କୀଟନାଶକ ଚାଷୀଙ୍କୁ ବିନା ମୂଲ୍ୟରେ ଯୋଗାଇ ଦେବା, ମଣ୍ଡିରେ ଧାନ ସଂଗ୍ରହ କଲାବେଳେ ଧାନର ଗୁଣବତ୍ତା ନିର୍ଦ୍ଧାରଣ ପ୍ରତି କୋହଳ ନୀତି ଗ୍ରହଣ କରିବା, ପେଟ୍ରୋଲ, ଡିଜେଲ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ନିୟନ୍ତ୍ରଣ କରିବା, ୨୦୨୨ସୁଦ୍ଧା ଜିଲ୍ଲା ଦେଇ ଯାତ୍ରୀବାହୀ ରେଳ ଚଳାଚଳକୁ ନିଶ୍ଚିତ କରିବା, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ କରିବା, ଚାଷୀଙ୍କୁ ଦଖଲ ଜମିର ପଟ୍ଟା ପ୍ରଦାନ, ଜିଲ୍ଲାରେ ଏକ ମେଡିକାଲ କଲେଜ ଓ ପ୍ରତି ବ୍ଲକରେ ଗୋଟିଏ କରି ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଆଦି ୧୩ଦଫା ଦାବି ସମ୍ବଳିତ ଦାବିପତ୍ର ଦେଶର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ପ୍ରଦାନ କରାଯାଇଥିଲା । ପୂର୍ବାହ୍ନରେ ସହରର ତିନିମୁହାଣି ବଜାର ଠାରୁ ପାର୍ଟିର କର୍ମୀମାନେ ଏକ ଶୋଭଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ପୂର୍ବତନ ଜିଲ୍ଲା ସମ୍ପାଦକ ବାବାଜୀ ଧଳଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଜିଲ୍ଲା ପ୍ରଶାସନକୁ ଚାଷୀର ଦୁର୍ଦ୍ଦିନ ସମୟରେ ସହାନୁଭୂତିଶୀଳତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟଥା ପାର୍ଟି ବୃହତ୍ତର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ସତର୍କ କରାଇ ଦେଇଥିଲେ । ଏହି ସଭାରେ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସହ ସମ୍ପାଦକ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ସୁହାନା ବେଗମ, ତ୍ରିଲୋଚନ ସ୍ୱାଇଁ, ପଦ୍ମନାଭ ଦାସ, ନିରଞ୍ଜନ ଦାସ, ହରେକୃଷ୍ଣ ମାଝି, ଶଶି ଭୂଷଣ କୁଣ୍ଡ, ପ୍ରଶନ୍ନ କୁମାର ଦାଶ, ସଂଯୁକ୍ତା ରାଉତ, ରତ୍ନାକର ଦାସ, ଭାରତୀ ବାରିକ ପ୍ରମୁଖ ନେତୃତ୍ୱ ଶାସନ କଳର ବିଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

# ପାୟଲ ମ୍ୟୁଜିକ ସ୍କୁଲର ଜିଲ୍ଲା ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ ସ୍କୁଲ ଓ ନେହେରୁ ଯୁବ କେନ୍ଦ୍ର କେନ୍ଦ୍ରାପଡାର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ନୀଳମାଧବ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୁରୀ ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ ସୁଖରଞ୍ଜନ ବୋଷ, ବିଜେଡି ଉପସଭାପତି ଜ୍ୟୋତ୍ସ୍ନାମୟୀ ପରିଡା, ସମାଜସେବୀ ପ୍ରମୋଦ କୁମାର ପତି, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଗୋଲି ତିରୁପତି ରେଡ୍ଡୀ, ସହକାରୀ ପ୍ରୋଗ୍ରାମ ଅଫିସର ଶୁଭେନ୍ଦୁ ନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାୟଲ ମ୍ୟୁଜିକ ସ୍କୁଲର ଛାତ୍ରଛାତ୍ରୀମାନେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସଫଳତା ସହ ପ୍ରଦର୍ଶନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସ୍କୁଲର ସମ୍ପାଦକ ଦେବାଶିଷ ସାମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଡଃ. ସଂଗ୍ରାମ କେଶରୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷାବିତ ପ୍ରଣବ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସମାଜସେବୀ ବେଣୁଧର ନାୟକଙ୍କୁ 'ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଚିତ୍ତରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ସଂଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ନୃତ୍ୟଗୁରୁ ଦିଲ୍ଲିପ କୁମାର ଜେନା, ବାଦ୍ୟଯନ୍ତ୍ରରେ ସହଯୋଗୀ ସରୋଜ କୁମାର ପଣ୍ଡା, ସୌମ୍ୟରଞ୍ଜନ ପାଢୀ, ମଧୁସ୍ମିତା ଷଡଙ୍ଗୀଙ୍କ ସଂଯୋଜନାରେ ସ୍କୁଲର ଛାତ୍ରଛାତ୍ରୀମାନେ ଓଡିଶୀ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ, ଦଳଗତ ସୁଗମ ସଙ୍ଗୀତ ପ୍ରଭୃତି ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୭

# ସଫଳ ଦାମ୍ପତ୍ୟ ଜୀବନର ସୂତ୍ର!



ମାନୁଷ୍ୟର ଜୀବଦ୍ଦଶା ମଧ୍ୟରେ ଚାରିଗୋଟି ପ୍ରାକୃତିକ ଅବସ୍ଥା ଆସିଥାଏ। ତାହା ହେଲା ଶୈଶବ, କୈଶୋର, ଯୌବନ ଏବଂ ବାର୍ଦ୍ଧକ୍ୟ। ଶୈଶବ ଅବସ୍ଥାଟି ଅସହାୟତା ଓ ନିର୍ଭରଶୀଳତାରେ କଟିଯାଏ, କୈଶୋର ଅବସ୍ଥା ଅଭିଭାବକମାନଙ୍କର କଟକଣା ତଥା ଭବିଷ୍ୟତ ଜୀବନ ଗଠନ ନିମନ୍ତେ କଠୋର ଅଧ୍ୟବସାୟରେ ଅତିବାହିତ ହୋଇଥାଏ। ବାର୍ଦ୍ଧକ୍ୟ ଅବସ୍ଥାଟି ବିଭିନ୍ନ ରୁଗ୍ଣତା, ଜଟିଳତା, ଅସହାୟତା ଓ ଦୁର୍ବଳତା ମଧ୍ୟରେ ବିତିଥାଏ। କିନ୍ତୁ ଯୌବନ କାଳଟି ଏ ତିନି ଅବସ୍ଥାରୁ ଭିନ୍ନ। ଏହି ସମୟରେ ମନୁଷ୍ୟର, ଶକ୍ତି, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଥାଏ। ବିବାହ ପରି ଏକ ସାମାଜିକ ବନ୍ଧନରେ ବାନ୍ଧିହୋଇ ସେ ଆରମ୍ଭ କରିଥାଏ ତାର ଦାମ୍ପତ୍ୟ ଜୀବନ। ଜୈବିକ କ୍ଷୁଧାର ପ୍ରଶମନ ତଥା ବଂଶରକ୍ଷା ନିମନ୍ତେ ବିବାହ ଏକ ପ୍ରକୃତି ସୃଷ୍ଟ ପରମ୍ପରା। ପୂର୍ବ କାଳର ଏବଂ ଏବେକାର ଦାମ୍ପତ୍ୟ ଜୀବନ ମଧ୍ୟରେ ଅନେକ ତାରତମ୍ୟ ପରିଲକ୍ଷିତ ହେଉଅଛି। ପୂର୍ବାପେକ୍ଷା ଏ ସମୟର ଦମ୍ପତିମାନେ, ଅଧିକ ଅସହିଷ୍ଣୁ ଏବଂ ପ୍ରତିକ୍ରିୟାଶୀଳ ହୋଇ, ମନାନ୍ତର, ମତାନ୍ତର ଯୋଗୁଁ କଳହଲିପ୍ତ ପୂର୍ବକ, ବିବାହ ବିଚ୍ଛେଦ ପରି ଚରମ ଅପ୍ରୀତିକର ନିଷ୍ପତି ନେବାରେ ପଶ୍ଚାତ୍‌ପଦ ହେଉନାହାନ୍ତି। ଏହାର କାରଣ କ'ଣ? ଏବଂ ଏହାର ନିରାକରଣ କ'ଣ? ଏ ବାବଦରେ ଏକ ସଂକ୍ଷେପ ଆଲୋଚନା। **(୧) ଅସହଯୋଗିତା-** ପ୍ରଥମତଃ ଆମ ଦେଶର ପରିବାରଗୁଡ଼ିକ ସାଧାରଣତଃ ପିତୃକୈନ୍ଦ୍ରିକ। ପ୍ରାଚୀନ କାଳରେ ଝିଅମାନେ ସ୍ୱାବଲମ୍ବୀ ନଥିଲେ ଏବଂ ପରମ୍ପରାନୁଯାୟୀ, ପତି ତାଙ୍କର ଦେବତା ବୋଲି ମାନସିକ ସ୍ତରରେ ଗ୍ରହଣ କରି ନେଇଥିଲେ। ତେଣୁ ପରିବାର ମଧ୍ୟରେ ଯଦି କୌଣସି ପ୍ରକାର ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିଲେ, ତେବେବି ତାଙ୍କର, କାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଶକ୍ତି ଦୁର୍ବଳ ଥିଲା। ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥା ମଧ୍ୟରେ, କେତେକ ସମାଜ ସଂସ୍କାରକଙ୍କ ଦ୍ୱାରା, ନାରୀଶିକ୍ଷାର ପ୍ରଚଳନ, ବାଲ୍ୟ ବିବାହ ବନ୍ଦ ତଥା ବିଧବା ବିବାହ ପ୍ରଚଳନ ପରି କେତେକ ପ୍ରଥା ନାରୀମାନଙ୍କୁ ପ୍ରଗତି ପଥରେ ଅଗ୍ରସର ହେବାର ସୁଯୋଗ ପ୍ରଦାନ କଲା ଏବଂ ସେମାନେ ସ୍ୱାବଲମ୍ବୀ ହୋଇ ପୁରୁଷମାନଙ୍କର ସମକକ୍ଷ ହୋଇପାରିଲେ। କିନ୍ତୁ ଅପରପକ୍ଷରେ ନାରୀମାନଙ୍କୁ ଦାସୀ କରି ରଖିବାର, ରୁଗ୍ଣ ମାନସିକତାର ପଞ୍ଜାରୁ ପୁରୁଷମାନେ ମୁକ୍ତ ହୋଇପାରି ନଥିଲେ। ନାରୀମାନେ ବାହାରେ କାମ କରି ଅର୍ଥ ରୋଜଗାର ସହିତ, ପରିବାର ସଦସ୍ୟମାନଙ୍କୁ ସେବା ପ୍ରଦାନ କରିବା ନିମନ୍ତେ ସକ୍ଷମ ହୋଇପାରିଲେ ନାହିଁ। ଏଇଠି ଆରମ୍ଭ ହେଲା ଅସୁବିଧା। ପରିବାର ସଦସ୍ୟମାନଙ୍କ ସେବା ପ୍ରାପ୍ତିର ଆକାଂକ୍ଷା ଏବଂ ନାରୀମାନଙ୍କର ସେବା ପ୍ରଦାନରେ ଅକ୍ଷମତା ଏବଂ କୁଣ୍ଠାର ଦ୍ୱନ୍ଦ୍ୱ। ଫଳରେ ଦାମ୍ପତ୍ୟ ଜୀବନରେ ସୃଷ୍ଟି ହେଲା ଅଶାନ୍ତି। ତେଣୁ ଏ କ୍ଷେତ୍ରରେ ପତିମାନେ ନିଜର ପୁରାତନ "ପତି ସ୍ୱାଭିମାନ" ପରିତ୍ୟାଗ କରି, ଅଯଥା ବାହାରେ ସମୟର ଦୁରୁପଯୋଗ ନକରି, ପତ୍ନୀମାନଙ୍କୁ, ଗୃହକର୍ମରେ ଯଥାସମ୍ଭବ ସାହାଯ୍ୟ ସହଯୋଗ କଲେ, ସମ୍ମାନହାନି ତ' ହୁଅନ୍ତା ନାହିଁ, ବରଂ ଅନେକ ଜଟିଳତାକୁ ଏଡାଇ ଦିଆଯାଇପାରନ୍ତା। **(୨) ଅବିଶ୍ୱାସ ଓ ସନ୍ଦେହ-** ଏହା ଏକ ଜନ୍ମଗତ ଗୁଣ। ଅନେକ କ୍ଷେତ୍ରରେ ଏହା ଦାମ୍ପତ୍ୟ ଜୀବନ ବିଫଳତାର ମୁଖ୍ୟ ଓ ପ୍ରଥମ କାରଣ। ଯଥା: ପତି ଓ ପତ୍ନୀ ପରସ୍ପରକୁ ଯଦି ଚରିତ୍ରଗତ କାରଣରୁ ସନ୍ଦେହ କରିବା ମାନସିକତାରୁ ମୁକୁଳି ନପାରନ୍ତି, ତେବେ ଏହା ପରିବାରରେ ଏକ ଭୟଙ୍କର ଅଶାନ୍ତ ବାତାବରଣ ସୃଷ୍ଟି କରିବ, ଏଥିରେ ଦ୍ୱିମତ ହେବାର ନାହିଁ। ପତି ଓ ପତ୍ନୀଙ୍କ ମଧ୍ୟରେ ଶ୍ରଦ୍ଧା, ସ୍ନେହ, ସହନଶୀଳତା ଓ ବିଶ୍ୱାସର ରଜ୍ଜୁ ଶିଥିଳ ହେବାହିଁ, ପରକୀୟା ପ୍ରୀତି ବୃଦ୍ଧିର ମୁଖ୍ୟ କାରଣ। ସାମାଜିକ କ୍ଷେତ୍ରରେ ଓ କର୍ମ କ୍ଷେତ୍ରରେ, ପତି ଓ ପତ୍ନୀ ଉଭୟେ, ଅନେକ ବିପରୀତ ଲିଙ୍ଗୀ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାକୁ ବାଧ୍ୟ। ତେଣୁ କିଏ କାହା ସାଙ୍ଗରେ ଗପିଲା, କାହାକୁ ଚାହିଁ ହସିଦେଲା, କାହା ସାଙ୍ଗରେ ଫୋନରେ କଥା ହେଲା ଇତ୍ୟାଦି ଛୋଟ ଛୋଟ କଥାରେ ମହାଭାରତ ସୃଷ୍ଟି ନକରି, ଉଦାର ମନୋଭାବ ପୋଷଣ ପୂର୍ବକ,ଏପରି ନିମ୍ନ ମାନସିକତାରୁ ଦୂରେଇ ରହିବା, ସଫଳ ଦାମ୍ପତ୍ୟ ଜୀବନର ଏକ ଅତ୍ୟାବଶକୀୟ ସୂତ୍ର। **(୩) ସ୍ୱାର୍ଥପରତା-** ବେଳେ ବେଳେ ପତ୍ନୀମାନେ, ସେମାନଙ୍କ ପିତାମାତା ଓ ପରିବାର ସଦସ୍ୟମାନଙ୍କୁ, ଅତ୍ୟଧିକ ଓ ଅହେତୁକ ଅନୁକମ୍ପା ପ୍ରଦାନ କରିବା ନିମନ୍ତେ, ସେମାନଙ୍କର ସ୍ୱାମୀମାନଙ୍କୁ ପ୍ରବର୍ତ୍ତାଇ, ସ୍ୱାମୀର ପରିବାର ସଦସ୍ୟଙ୍କୁ ଅବହେଳା ପ୍ରଦର୍ଶନ କରିଥା'ନ୍ତି। ଅପରପକ୍ଷରେ ଠିକ୍ ସେହିପରି, ବେଳେବେଳେ ପତିମାନେ ମଧ୍ୟ, ପତ୍ନୀମାନଙ୍କ ପରିବାର ସଦସ୍ୟମାନଙ୍କୁ ଅବଜ୍ଞା ଓ ଅବହେଳା ପ୍ରଦର୍ଶନ କରି, ନିଜ ପରିବାର ଲୋକଙ୍କୁ ଅଧିକ ଧ୍ୟାନ ଦେବା ନିମନ୍ତେ, ପତ୍ନୀମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି। ଯାହାକି ଦାମ୍ପତ୍ୟ ଜୀବନ ବିଫଳତାର ଅନ୍ୟତମ କାରଣ। ତେଣୁ ପରସ୍ପର ବୁଝାମଣା ମାଧ୍ୟମରେ, ସ୍ୱାର୍ଥପରତା ତ୍ୟାଗ କରି, ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି, ସମସ୍ତଙ୍କ ସୁଖଦୁଃଖରେ ଭାଗୀଦାର ହେଲେ ଏ ସମସ୍ୟାର ସମାଧାନ ହୋଇପାରନ୍ତା। **(୪) ଲୋଭଗ୍ରସ୍ତ-** ଯୌତୁକ ପ୍ରଥା, ସଫଳ ଦାମ୍ପତ୍ୟ ଜୀବନରେ ଏକ ପ୍ରତିବନ୍ଧକ। ପତିଙ୍କ ପରିବାର ତରଫରୁ, ଯଦି ପତ୍ନୀଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ଲକ୍ଷ୍ୟ ନକରି, ଅଧିକ ଯୌତୁକ ଦାବି କରାଯାଏ, ତେବେ ପତିଙ୍କ ପରିବାରର ସଦସ୍ୟଙ୍କ ପ୍ରତି, ପତ୍ନୀର ସମ୍ମାନ ଓ ସଂଭ୍ରମତା ନିଶ୍ଚିତ ହ୍ରାସ ହେବ, ଏହା ନିଃସନ୍ଦେହ। ତେଣୁ ଲୋଭଗ୍ରସ୍ତ ନହୋଇ, ବିନା ଦାବିରେ, ଉପହାରସ୍ୱରୁପ ଯାହା ମିଳିବ, ସେଥିରେ ସନ୍ତୁଷ୍ଟ ହେବା, ସଫଳ ଦାମ୍ପତ୍ୟ ଜୀବନ ନିମନ୍ତେ ଏକ ମାର୍ଗ। ଅନ୍ୟପକ୍ଷରେ, ସ୍ୱାମୀଙ୍କ ଆୟର ପରିମାଣକୁ ଚିନ୍ତା ନକରି, ଉଗ୍ର ଆଧୁନିକା ସ୍ତ୍ରୀମାନେ, ଦାମୀ ଗହଣା, ଶାଢୀ ଓ ପ୍ରସାଧାନ ସାମଗ୍ରୀ କ୍ରୟ କରିବା ପାଇଁ, ସ୍ୱାମୀଙ୍କୁ ବାଧ୍ୟକରି, ପରିବାରରେ, ଅଯଥା ଅଶାନ୍ତି ସୃଷ୍ଟି କରନ୍ତି ଏବଂ ବେଳେବେଳେ ପରିବାର ସଦସ୍ୟଙ୍କୁ ଛାଡ଼ି, ସ୍ୱାମୀଙ୍କ କର୍ମକ୍ଷେତ୍ରରେ ତାଙ୍କ ସାଙ୍ଗରେ ଏକାଟିଆ ରହିବା ପାଇଁ ଜିଦ୍ କରନ୍ତି। ମହିଳାମାନେ ଏପ୍ରକାର ଚିନ୍ତନରୁ ନିବୃତ ନହେଲେ, ସଫଳ ଦାମ୍ପତ୍ୟ ଜୀବନ ସାକାର ହୋଇପାରିବ ନାହିଁ। **(୫) ସହୃଦୟତା ଓ ସମ୍ବେଦନଶୀଳତାର ଅଭାବ-** ପତିମାନେ ସମୟେ ସମୟେ, ତରକାରି କାହିଁକି ଲୁଣିଆ ହୋଇଗଲା, ଖାଇବାକୁ ଦେବା କ'ଣ ପାଇଁ ଡେରି ଏବଂ ପତ୍ନୀମାନେ ମଧ୍ୟ, ଏତେ ଡେରିରେ କାହିଁକି ଅଫିସରୁ ଫେରିଲ, ବଜାରରୁ ଯାହା ଆଣିବାକୁ କହିଥିଲି, କ'ଣ ପାଇଁ ଆଣିନାହଁ, ଇତ୍ୟାଦି ଛୋଟ ଛୋଟ କଥାରୁ ବାକ୍‌ବିତଣ୍ଡା ଆରମ୍ଭ କରି, ଶାରୀରିକ ଯୁଦ୍ଧରେ ଉପନୀତ ହେବାର ଦୃଷ୍ଟାନ୍ତ ଏ ସମାଜରେ କିଛି କମ୍ ନାହିଁ। ତେଣୁ ପତି ପତ୍ନୀଙ୍କ ମଧ୍ୟରୁ, କୌଣସି କାରଣରୁ କେହି ଜଣେ ଯଦି ଉତ୍‌କ୍ଷିପ୍ତ ହୁଏ, ତେବେ ଅନ୍ୟ ଜଣେ ପ୍ରତ୍ୟୁତର ନଦେଇ, ଧୈର୍ଯ୍ୟର ସହିତ ନୀରବତା ଅବଲମ୍ବନ କରିବା କିମ୍ବା ସେ ସ୍ଥାନ ପରିତ୍ୟାଗ କରିବା ଦ୍ୱାରା, ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖି, ଆସନ୍ନ ଯୁଦ୍ଧକୁ ଏଡାଇ ଦିଆଯାଇପାରିବ। ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ମାଆ ଥରେ ରୁଟି ତିଆରି କରିବା ବେଳେ ପୋଡି ଯାଇଥିଲା ଏବଂ ତାଙ୍କ ବାପାଙ୍କୁ ଖାଇବାକୁ ଦେବାବେଳେ ସେ କହିଲେ, ଆଜି ମୋର ଅନ୍ୟମନସ୍କତାରୁ ରୁଟି ପୋଡି ଯାଇଛି। ତୁମର ଖାଇବାରେ ଟିକିଏ ଅସୁବିଧା ହେବ। ସାଙ୍ଗେ ସାଙ୍ଗେ ତାଙ୍କ ବାପା କହିଲେ, ବ୍ୟସ୍ତ ହୁଅନାହିଁ, ମୋତେ ପୋଡା ରୁଟି ଖାଇବାକୁ ଭଲ ଲାଗେ। ଏହି ଘଟଣା, କଲାମଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ଏହାହିଁ ସମ୍ବେଦନଶୀଳତା। **(୬) ସମତା ରକ୍ଷା-** ପୁଅଟିର ବିବାହ ସରିବା ପରେ, ମାଆ ମନରେ ସର୍ବଦା ସନ୍ଦେହ, ପୁଅ ବୋଧହୁଏ, ମୋ କଥାରୁ ବାହାରି, ସ୍ତ୍ରୀ କଥାରେ ପରିଚାଳିତ ହେଉଅଛି। ବୋହୂଟି ମଧ୍ୟ ଭାବେ, ସ୍ୱାମୀ ମୋର କୌଣସି କଥା ଉପରେ ଗୁରୁତ୍ୱ ନଦେଇ, ତାଙ୍କ ମାଆଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ଶାଶୁ ବୋହୂଙ୍କର ଛକାପଞ୍ଝାରେ, ବିଚରା ନିରୀହ ସ୍ୱାମୀଟି, ଯଦି ସମତା ରକ୍ଷାକରିବାର କଳାକୌଶଳକୁ ଆୟତ ନକରିଛି, ତେବେ ଦାମ୍ପତ୍ୟ ଜୀବନରେ ଛିଦ୍ର ଅବଶ୍ୟମ୍ଭାବୀ। ଭାରତୀୟ ସଂସ୍କୃତି ପରମ୍ପରାନୁଯାୟୀ ବିବାହ ପରି ପବିତ୍ର ବନ୍ଧନ, ଏକ ସାମୟିକ ବନ୍ଧନ ନୁହେଁ, ବରଂ ଜନ୍ମଜନ୍ମାନ୍ତର ପାଇଁ ଏହା ଏକ ପ୍ରକୃତିସୃଷ୍ଟ ସ୍ଥାୟୀ ବନ୍ଧନ। ପତି ଓ ପତ୍ନୀ ଦୁହେଁ ଗୋଟିଏ ମୁଦ୍ରାର ଦୁଇଗୋଟି ପାର୍ଶ୍ୱ ସଦୃଶ। ଜଣକ ବ୍ୟତିରେକେ, ଅନ୍ୟ ଜଣକ ଜୀବନ ଅଧୁରା। ଯୌବନ କାଳ ଅପେକ୍ଷା, ପରିଣତ ବୟସରେ, ପତି ଓ ପତ୍ନୀଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଆତ୍ମୀୟତା ଅଧିକ ବୃଦ୍ଧିପ୍ରାପ୍ତ ହୋଇଥାଏ। ସମଗ୍ର ପରିବାରର ସୁଖ, ଶାନ୍ତି, ପ୍ରଗତି ଏବଂ ଭବିଷ୍ୟତ ବଂଶଧରମାନଙ୍କର ଉନ୍ନତି, ଏକ ସଫଳ ଦାମ୍ପତ୍ୟ ଜୀବନ ଉପରେ ପର୍ଯ୍ୟବସିତ। ତେଣୁ ଆସନ୍ତୁ, ପରସ୍ପର ପ୍ରତି ଶ୍ରଦ୍ଧା, ସଦିଚ୍ଛା, ସହୃଦୟତା, ସମ୍ବେଦନଶୀଳତା, ସହିଷ୍ଣୁତା ତଥା ସର୍ବୋପରି ପ୍ରଗାଢ଼ ବିଶ୍ୱାସ ସ୍ଥାପନ କରି, ସୁଖଶାନ୍ତିରେ କାଳାତିପାତ କରିବାକୁ, ଭାରତୀୟ ସଂସ୍କୃତି ପରମ୍ପରା ଆଧାରିତ, ଏକ ସୁସ୍ଥ ଏବଂ ସଫଳ ଦାମ୍ପତ୍ୟ ଜୀବନ ନିର୍ବାହ କରିବା, ନା ପାଶ୍ଚାତ୍ୟ ସଭ୍ୟତାର ଅନୁଗାମୀ ହୋଇ, ବିବାହ ବିଚ୍ଛେଦ ନିମନ୍ତେ, ନ୍ୟାୟାଳୟର ଦ୍ୱାରସ୍ଥ ହେବା? ନିଷ୍ପତି ଆମମାନଙ୍କ ହସ୍ତରେ! ତେଣୁ ଆପଣ କ'ଣ କହୁଛନ୍ତି କୁହନ୍ତୁନା?

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

# ଓଡ଼ିଶାରେ କେତେ ସଫଳ ସଡ଼କ ପ୍ରକଳ୍ପ!

............ଶରତ କୁମାର ରାଉତ............



ସାମ୍ପ୍ରତି ଓଡ଼ିଶାରେ ରାସ୍ତାଘାଟ ସମସ୍ୟା ସୁଧୁରୁଛି। ମାତ୍ର କେତେକ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଏତେଟା ସୁଧୁରି ପାରିନାହିଁ। କେତେକ ରାସ୍ତା କିଛିବର୍ଷ ତଳୁ ମରାମତି ହୋଇନାହିଁ। ଅଳ୍ପ କେତେକ ନିର୍ମାଣାଧିନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଯଦ୍ଦ୍ୱାରା ମୁଖ୍ୟତଃ ଆଦିବାସୀବହୁଳ ଅଂଚଳରେ ଲକ୍ଷ ଲକ୍ଷ ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଓଡ଼ିଶାକୁ ଅତ୍ୟାଧୁନିକ ମନୋରମ ରାଜ୍ୟରେ ପରିଣତ କରିବାରେ ନିର୍ମାଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଲଭ ଗମନାଗମନ ବ୍ୟବସ୍ଥା କୌଣସି ବିକଶିତ ରାଜ୍ୟ ବା ଦେଶର ମୁଖ୍ୟ ପରିଚୟ। ଏହା ମଧ୍ୟ ସାଧାରଣ ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ପରିବର୍ତନରେ ସହାୟକ ହୋଇଥାଏ। ହୁଏତ ଏହାକୁ ଦୃଷ୍ଟିରେ ରଖି ୮/୯ବର୍ଷ ତଳୁ ରାସ୍ତାଘାଟ, କୋଠାବାଡ଼ି, ସେତୁ ଓ ଓଭର୍ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ରାଜ୍ୟର ପ୍ରାୟ ସମସ୍ତ ୫୬ଟି ପୂର୍ତ୍ତ ଡ଼ିଭିଜନ୍ ସକ୍ରିୟ ରହିଛି। ମୁଖ୍ୟତଃ ନିର୍ମାଣ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ଅଂଚଳର କେତୋଟି ଡ଼ିଭିଜନ୍ ଗତ ପାଂଚବର୍ଷ ଭିତରେ ଧାର୍ଯ୍ୟଲକ୍ଷ୍ୟ ସଫଳତା ହାସଲ କରିବାରେ ସମର୍ଥ ହୋଇ ପାରିଛନ୍ତି। ପୂର୍ବରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟଲକ୍ଷ୍ୟ ସମୟସୀମା ମଧ୍ୟରେ ଶେଷ ନହୋଇ ବହୁ ଅଧିକ ସମୟ ବ୍ୟୟ ହେଉଥିଲା। ଏପରିକି ମୁଖ୍ୟ ରାସ୍ତାଗୁଡ଼ିକର ମରାମତି ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡ଼େ କିମ୍ବା ନେତା ଓ ଅଫିସରମାନଙ୍କୁ ଗୁହାରି କରି ନୟାନ୍ତ ହେବାକୁ ପଡ଼େ। ମାତ୍ର ସମୟ ବଦଳିବା ସହ ଅବସ୍ଥାରେ ପରିବର୍ତନ ହୋଇଛି। ଏବେ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ କରାଯାଇ ରାସ୍ତା ଓ ଅନ୍ୟାନ୍ୟ ସରକାରୀ କୋଠାବାଡ଼ିଗୁଡ଼ିକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ କରାଯାଉଛି।

ଇତିମଧ୍ୟରେ ଓଡ଼ିଶାରେ ନିର୍ମାଣ ଯୁଗ ଆରମ୍ଭ ହୋଇଥିବା କୁହାଯାଇପାରେ। ଦୀର୍ଘଦିନ ତଳୁ ସରକାରୀ ନାଲିଫିତା ତଳେ ବାନ୍ଧି ହୋଇ ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓ ସେତୁ ପ୍ରକଳ୍ପ ଇତିମଧ୍ୟରେ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ସାରା ରାଜ୍ୟରେ ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଗ୍ରାମାଂଚଳ ଭିତିଭୂମି ବିକାଶ ଫଣ୍ଡ ଅଧୀନରେ ତଥା ନାବାର୍ଡ଼ ସହାୟତାରେ ରାଜ୍ୟରେ ୨୦୭ଟି ସଡ଼କ ପ୍ରକଳ୍ପ (୩୦୨୮କିମି) ଏବଂ ୧୪୬ଟି ସେତୁ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ 'ରିଭାଇଜଡ଼ ଲଙ୍ଗ ଟର୍ମ ଆକ୍ସନ୍ ପ୍ଲାନ୍' ଅନୁଯାୟୀ କେବିକେ ଅଂଚଳର ରାସ୍ତା ଗୁଡ଼ିକ ନବୀକରଣ ସହ ନୂଆ ସେତୁ, ରାସ୍ତା, କଲଭର୍ଟ ଆଦି ନିର୍ମାଣ ହୋଇଛି। ରାଜ୍ୟର ତୀର୍ଥସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁବିଧା ପାଇଁ ୨୦୧୨-୧୩ରୁ ଆରମ୍ଭ ହୋଇଥିବା ସଡ଼କ ସଂଯୋଗୀକରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଏଥିପାଇଁ ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ ୧୧୪.୬୭ କୋଟି ଟଙ୍କାରେ ଅଧୁରା ରାସ୍ତା ଓ ସେତୁ ନିର୍ମାଣ ସହିତ ୪୦ଟି ଅନଗୋଇଙ୍ଗ୍ ରାସ୍ତା ନିର୍ମାଣ ହୋଇଛି ଏବଂ ୭୦ କିମି ରାସ୍ତାର ଉନ୍ନତିକରଣ କରାଯାଇଛି। ୧୨୧୯କିମି ଦୈର୍ଘ୍ୟ ବିଶିଷ୍ଟ ବିଜୟୱାଡ଼ା-ରାଂଚି ସଡ଼କ ପ୍ରକଳ୍ପ ମୁଖ୍ୟତଃ ଓଡ଼ିଶାର ନକ୍ସଲ ପ୍ରଭାବିତ ୧୩ଟି ଆଦିବାସୀ ଜିଲ୍ଲା (ଓଡ଼ିଶା ନିର୍ମାଣ ବିଭାଗ ଅଧୀନସ୍ଥ ୯୮୩.୭୦ କିମି) ଭିତର ଦେଇ ଲମ୍ବିଛି। ସଂପୃକ୍ତ ଦରିଦ୍ର ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯିବାର ଲକ୍ଷ୍ୟ ନେଇ ଉକ୍ତ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ୨୦୧୨-୧୩ ମସିହାରେ ଭାରତ ସରକାର ୧୦ଟି ସଡ଼କ ପ୍ରକଳ୍ପ ମଂଜୁରୀ କରିଥିଲେ, ଯାହାର ବ୍ୟୟ ଅଟକଳ ଥିଲା ୩୭୫.୨୫ କୋଟି ଟଙ୍କା। ଏହି ପ୍ରକଳ୍ପ ବ୍ୟୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧା-ଅଧା ଭାଗ ଅର୍ଥ ବହନ କରିବାର ଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୨୦୧୩-୧୪ ମସିହାରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ "ଷ୍ଟେଟ୍ ହାଇୱେ ଡ଼େଭେଲପମେଂଟ ପ୍ରୋଗ୍ରାମ"। ଏହି ପ୍ରୋଗ୍ରାମ ଅନ୍ତର୍ଗତ ୪୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କଟକ-ଚାନ୍ଦବାଲି ସଡ଼କ ପ୍ରକଳ୍ପ କାର୍ଯ୍ୟ ୨୦୧୭ରେ ସଂପୂର୍ଣ୍ଣ ହୋଇଥିଲା। ସେହିପରି ଢେଙ୍କାନାଳ, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଅଂଚଳର ୧୪ଟି ସଡ଼କ ପ୍ରକଳ୍ପ ୨୦୧୬-୧୭ରେ ସଂପୂର୍ଣ୍ଣ ହୋଇଛି। ସେଂଟ୍ରାଲ୍ ରୋଡ୍ ଫଣ୍ଡ୍ ସହାୟତାରେ ବ୍ରହ୍ମପୁର-ତପ୍ତପାଣି (୪୧କିମି), ଭବାନୀପାଟଣା-ଖଡ଼ିଆଳ (୬୮କିମି), ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (୯୫ କିମି) ଓ ଜଗତପୁର-ଚାନ୍ଦବାଲି (୧୦୬ କିମି) ରାସ୍ତା କାର୍ଯ୍ୟକ୍ଷମ ହୋଇସାରିଛି। ୨୦୧୩-୧୪ରେ ରାଜ୍ୟ ସରକାର ମଧ୍ୟ ଏକ ନୂଆ ଯୋଜନା "ସହରାଞ୍ଚଳ ରାସ୍ତା ଉନ୍ନତିକରଣ" ଆରମ୍ଭ କରିଥିଲେ। କିଛିବର୍ଷ ତଳୁ ୧୨୪ଟି ରାସ୍ତା (୨୦୩.୦୯ କିମି)ର ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୧୯ଟି ପୌରାଂଚଳ ଓ ୧୮ଟି ବିଜ୍ଞାପିତ ଅଂଚଳ ପରିଷଦ ସାମିଲ୍ ଥିଲେ। ନାବାର୍ଡ଼ ସହାୟତାରେ ୧୪୨.୭୭ କୋଟି ଟଙ୍କା ବ୍ୟୟରେ ୨୦୧୩ ଡ଼ିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପିତ ହୋଇଥିବା କଟକ-ତ୍ରିଶୂଳିଆ ମହାନଦୀ ସେତୁ (୨.୫କିମି ଦୈର୍ଘ୍ୟ) ୨୦୧୬ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା।

ସେହିପରି ବଡ଼ମ୍ବା-ବାଙ୍କି ଅଂଚଳରେ ରାଜ୍ୟର ସବୁଠୁ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଇ ନିକଟରେ ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ୩.୪ କିମି ଦୈର୍ଘ୍ୟବିଶିଷ୍ଟ। ଏଥିଯୋଗୁ ସ୍ଥାନୀୟ ଅଂଚଳରେ ଗମନାଗମନର ବିକାଶ ସହ ପର୍ଯ୍ୟଟନ, କୃଷି, ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟର ଶହଶହ ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ଭଳି ସରକାରୀ ଗୃହ ଏବଂ ରାସ୍ତାଘାଟର ଉଚ୍ଚମାନର ମରାମତି କାର୍ଯ୍ୟ ଉଲ୍ଲେଖଯୋଗ୍ୟ। ଆବଶ୍ୟକତା ଅନୁଯାୟୀ ରାଜରାସ୍ତା ଓ ବିଭିନ୍ନ ସହରର ଅତି ଭିଡ ଟ୍ରାଫିକ୍‌ମାନଙ୍କରେ ଅତ୍ୟାଧୁନିକ ଓଭର ବ୍ରିଜ୍ ନିର୍ମିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ସେତୁ ନିର୍ମାଣାଧୀନ ରହିଛି ଓ ଆଉ କେତେକ ସେତୁ ନିର୍ମାଣର ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ନିର୍ମାଣ କାର୍ଯ୍ୟଧାରାକୁ ନେଇ ଏବେ କାହାରି କୌଣସି ଆପତି, ଅଭିଯୋଗ ଉଠୁନଥିବା ଦେଖାଯାଉଛି। ସରକାରୀ ନିୟମ ଆଧାରରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାଜ୍ୟରେ ନବନିର୍ମାଣ ଯୁଗ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯଦିଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଓ ଦୁର୍ନୀତିମୁକ୍ତ ଶାସନର ଏହା ପରିଣତି, ତଥାପି ପୂର୍ତ୍ତ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼. କ୍ରିଶନ କୁମାରଙ୍କ ସମେତ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କ ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଉଲ୍ଲେଖଯୋଗ୍ୟ। ଶାସନ ସଚିବ ଡ଼. କ୍ରିଶନ କୁମାର ଶାସନ ସଚିବ ଭାବେ ଯୋଗଦେବା ପରେ ରାଜ୍ୟରେ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ହୋଇଛି। ଡ଼. କ୍ରିଶନ କୁମାର ଏଥିପୂର୍ବରୁ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ସଂସ୍କାର ଆଣିଛନ୍ତି। ସବୁଠୁ ବଡ଼କଥା ହେଲା, ଡ଼. କ୍ରିଶନ କୁମାର ପୂର୍ତ୍ତ ବିଭାଗର ଶାସନ ସଚିବ ପଦରେ ଯୋଗଦେଇ ଯଥାଶୀଘ୍ର ନିର୍ମାଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଇ ପାରିଥିଲେ। ଇତିମଧ୍ୟରେ ଶାସନ ସଚିବ ଡ଼. କ୍ରିଶନ କୁମାର ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ନିର୍ମାଣଜନିତ ବହୁ ସମସ୍ୟାର ସମାଧାନ କରାଇ ପାରିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଠିଠା ଓ ବ୍ୟବସ୍ଥିତ ଢଙ୍ଗ ଓ ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ଡ଼. କ୍ରିଶନ କୁମାରଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ସଚିବ ଡ଼. କ୍ରିଶନଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ- ୯୩୩୭୩୬୯୪୪୮*

# ନବୀନ, ଏବେ ବି ନମ୍ବର ୱାନ

---------ସୁବାଷ କୁମାର ତାରଣିଆଁ---------





କ୍ରମାଗତ ଭାବେ ୨୩ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜୁ ଜନତା ଦଳ ଶାସନ କ୍ଷମତାରେ ରହିଆସିଛି। ଏହି ୨୩ ବର୍ଷ ମଧ୍ୟରୁ ପଞ୍ଚମ ପାଳିର ପ୍ରଥମ ଦୁଇବର୍ଷ ବିଭିନ୍ନ କାରଣରୁ ସରକାରଙ୍କ ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ପଞ୍ଚମ ପାଳିର ସରକାର ଦାୟିତ୍ୱ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ବାତ୍ୟା 'ଫନି' ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଧ୍ୱଂସର ତାଣ୍ଡବଲୀଳା ରଚିଥିଲା, ଯାହାକି ନବୀନ ପଟ୍ଟନାୟକଙ୍କ ପକ୍ଷରେ ଫନିର ମୁକାବିଲା ଓ ଥଇଥାନ କରିବାରେ ଏକ ଚ୍ୟାଲେଞ୍ଜ ଥିଲା। ଏହାପରେ ୨୦୨୦ ବର୍ଷର ପ୍ରାରମ୍ଭରେ ମହାମାରୀ କରୋନା ଭୂତାଣୁର ପ୍ରଥମ ଲହର ସହିତ ଆଉ ଗୋଟିଏ ବାତ୍ୟା 'ଅମ୍ଫନ'ର ତାଣ୍ଡବ ସର୍ବୋପରି ପଞ୍ଚମ ପାଳିର ଦ୍ୱିତୀୟ ବର୍ଷର ପୂର୍ତ୍ତିର ଠିକ୍ ପୂର୍ବରୁ ମହାମାରୀ କରୋନାର ଦ୍ୱିତୀୟ ଲହର ସାଙ୍ଗକୁ ବାତ୍ୟା 'ୟାସ'ର ତାଣ୍ଡବ ବିଜୁ ଜନତା ଦଳ ସରକାର ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଥିଲା।

ଓଡ଼ିଶା ରାଜନୀତି କ୍ଷେତ୍ରରେ ନବୀନ ପଟ୍ଟନାୟକ ଏକ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ଓ ଉଜ୍ଜ୍ୱଳ ତାରକା। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ଭାବେ ସେ ଓଡ଼ିଶାରେ ବେଶ୍ ପରିଚିତ। ବିଜୁବାବୁଙ୍କ ମୃତ୍ୟୁପରେ ପରେ ଯେତେବେଳେ ଜନତା ଦଳରେ ସଙ୍କଟ ଦେଖାଦେଲା, ସେହି ସମୟରେ ଦଳର ବରିଷ୍ଠ ନେତାମାନେ ବିଜୁବାବୁଙ୍କ ବିକଳ୍ପ ଭାବେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କୁ ନିର୍ବାଚନ ମୈଦାନକୁ ଆଣିବାକୁ ପ୍ରୟାସ କରିଥିଲେ। ଏମାନଙ୍କ ଦୃଢବିଶ୍ୱାସ ଥିଲା ଯେ, ବିଜୁବାବୁଙ୍କ ଅନ୍ତେ ତାଙ୍କ ସୁପୁତ୍ର ନବୀନବାବୁ ଦଳରେ ଯୋଗଦାନ କଲେ ଦଳ ଅଧିକ ସୁଦୃଢ ଓ ଶକ୍ତିଶାଳୀ ହୋଇପାରିବ। ଦଳର ବରିଷ୍ଠ ନେତାମାନେ ବହୁ ଉଦ୍ୟମ କରି ଦୀର୍ଘ ସମୟର ବିଚାର ବିମର୍ଷ ପରେ ନବୀନ ପଟ୍ଟନାୟକ ଓଡ଼ିଶା ଆସି ରାଜନୀତିରେ ଯୋଗଦେବାକୁ ରାଜି ହୋଇଥିଲେ। ତେବେ ବିଜୁବାବୁଙ୍କ ପରି ନବୀନବାବୁ ରାଜନୀତି କ୍ଷେତ୍ରରେ ସଫଳ ହେବେ କି ନାହିଁ, ଜାଣିବାକୁ ଦଳର କିଛି ବରିଷ୍ଠ ନେତା ଦିଲ୍ଲୀର ଜଣେ ପ୍ରସିଦ୍ଧ ଜ୍ୟୋତିଷଙ୍କ ପାଖକୁ ନବୀନବାବୁଙ୍କ ହସ୍ତରେଖା ଦେଖାଇବାକୁ ଯାଇଥିଲେ। ଯେତେବେଳେ ସେହି ଜ୍ୟୋତିଷ ଜଣକ ନବୀନବାବୁଙ୍କ ହସ୍ତରେଖା ଦେଖିଲେ, ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଜ୍ୟୋତିଷ ଜଣକ ନବୀନବାବୁଙ୍କ ହସ୍ତରେଖା ଦେଖି କହିଥିଲେ, ୧୦ କୋଟି ଲୋକଙ୍କ ଭିତରେ ଏପରି ଜଣେ ଭାଗ୍ୟବାନ ବ୍ୟକ୍ତି ଥାଆନ୍ତି। ନବୀନବାବୁ ରାଜନୀତିରେ ଆଶାତୀତ ସଫଳତା ହାସଲ କରିବେ। ସେ ଯେତେଦିନ ପର୍ଯ୍ୟନ୍ତ ରହିଁବେ, ସେତେଦିନ ପର୍ଯ୍ୟନ୍ତ କ୍ଷମତାରେ ରହିପାରିବେ। ନବୀନବାବୁ ବାପାଙ୍କଠାରୁ ଅଧିକ ସଫଳତା ଓ ଲୋକପ୍ରିୟତା ହାସଲ କରିପାରିବେ। ତାଙ୍କର ଦୃଢ ନିଷ୍ପତ୍ତି ରହିବ ଓ ନିଜର ଲକ୍ଷ୍ୟପଥରୁ କେବେ ବିଚ୍ୟୁତ ହେବେନାହିଁ, ଯାହା ବାସ୍ତବରେ ପରିଣତ ହୋଇଛି।

ବିଜୁବାବୁଙ୍କ ମୃତ୍ୟୁ ପରେ ଯେତେବେଳେ ନବୀନ ପଟ୍ଟନାୟକ ରାଜନୀତିରେ ପାଦ ରଖିଥିଲେ, ଠିକ୍ ଏହାର ଦୁଇବର୍ଷ ପରେ ୧୯୯୯ ମସିହାରେ ଓଡ଼ିଶାରେ ଦେଖାଦେଇଥିଲା ପ୍ରଳୟଙ୍କରୀ ମହାବାତ୍ୟା। ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ସାରା ଓଡ଼ିଶା। ବାସହୀନ ହୋଇଥିଲେ ଲକ୍ଷ ଲକ୍ଷ ଲୋକ। ବିପର୍ଯ୍ୟସ୍ତ ଅର୍ଥନୀତି, ଅନାହାର, ଅନଟନ ଓ ଅପପୁଷ୍ଟିର ଭୟ ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଥିଲା। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ନବୀନ ପଟ୍ଟନାୟକ। ସେହି ସମୟରେ କିଛିଲୋକ ନବୀନ ପଟ୍ଟନାୟକଙ୍କର କୁତ୍ସାରଟନା ମଧ କରିଥିଲେ। ପ୍ରତିକୂଳ ପରିସ୍ଥିତି, କ୍ଷମତା ଦଖଲର ଷଡ଼ଯନ୍ତ୍ର, ରାଜନୈତିକ ପଶାପାଳିର ଛକାପଞ୍ଝା ସତ୍ତ୍ୱେ ଏକ ଅପରାଜେୟ ମୁଖ୍ୟମନ୍ତ୍ରୀ ଭାବେ ୨୪ ବର୍ଷ ପୂରଣ କରିସାରିଲେଣି। ନବୀନ ପଟ୍ଟନାୟକ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀ ଭାବେ କ୍ଷମତାରେ ରହିଆସିଛନ୍ତି।

ବିଜୁବାବୁଙ୍କ ମୃତ୍ୟୁର ଦୁଇମାସ ମଧ୍ୟରେ ନବୀନ ପଟ୍ଟନାୟକ ଆସ୍କା ଉପନିର୍ବାଚନରେ ବିଜୟୀ ହୋଇ କେନ୍ଦ୍ରରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହୋଇଥିଲେ। ଏହାପରେ ୨୬ ଡ଼ିସେମ୍ବର ୧୯୯୭ ମସିହାରେ ବିଜୁ ଜନତା ଦଳ ଜନ୍ମ ନେଇଥିଲା। ଏହି ଆଞ୍ଚଳିକ ଦଳ ଜନ୍ମ ନେବା ପରଠାରୁ କେବେବି ପରାଜୟର ସମ୍ମୁଖୀନ ହୋଇନାହିଁ। ଇତିମଧ୍ୟରେ ନବୀନବାବୁ କ୍ରମାଗତ ଭାବେ ଚାରିଥର ମୁଖ୍ୟମନ୍ତ୍ରୀ ହୋଇସାରିଲେଣି। ୨୬, ଡ଼ିସେମ୍ବର ୧୯୯୭ରେ ପ୍ରତିଷ୍ଠିତ ଏହି ଦଳ, ୧୯୯୮ ଓ ୧୯୯୯ ଲୋକସଭା ଆସନରେ ବିଜେପି ସହ ମେଣ୍ଟ କରି ୯ଟି ଓ ୧୦ଟି ଲୋକସଭା ଆସନରେ ବିଜୟୀ ହୋଇ, କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ୍ ହୋଇଥିଲା। ଏହାପରେ ୨୦୦୯ ମସିହାରୁ ବିଜୁ ଜନତା ଦଳ ଓଡ଼ିଶା ଶାସନରେ ଏକାକୀ କ୍ଷମତାରେ ରହିଆସିଛି ଏବଂ ଦଳର ସଭାପତି, ନବୀନବାବୁଙ୍କୁ ଓଡ଼ିଶାବାସୀ ଲଗାତର ମୁଖ୍ୟମନ୍ତ୍ରୀ ଭାବେ ମତସାବ୍ୟସ୍ତ କରିଆସୁଛନ୍ତି। ବିଜେଡ଼ି-ବିଜେପି ମଧ୍ୟରେ ରହିଥିବା ମେଣ୍ଟ ଭାଙ୍ଗିଗଲା ପରେ ଓଡ଼ିଶାରେ ଯେଉଁ ପରିବର୍ତ୍ତନର ଝଡ଼ ବହିଥିଲା, ତାହାକୁ ଭୁଲ୍ ପ୍ରମାଣିତ କରି ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ବିଧାନସଭା ଓ ଲୋକସଭା ନିର୍ବାଚନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି।

ନବୀନ ପଟ୍ଟନାୟକ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନୁହଁନ୍ତି, ବରଂ ଜାତୀୟ ରାଜନୈତିକ ଦୃଶ୍ୟପଟରେ ସବୁଠାରୁ ବ୍ୟସ୍ତବହୁଳ ଆଉ ଚର୍ଚ୍ଚିତ ବ୍ୟକ୍ତିତ୍ୱର ଅଧିକାରୀ। ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି, ସରଳତା, ସଚ୍ଚୋଟତା, ସୁଶାସନ ବିଶେଷକରି ଦୁର୍ନୀତିବିରୋଧୀ କଡ଼ା ଆଭିମୁଖ୍ୟ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସାରା ଭାରତର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ମାନ୍ୟତା ପାଇ ଚାଲିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଚିତ ଥିବା ଓଡ଼ିଶାରେ ନବୀନଙ୍କ ୨୩ ବର୍ଷ ଶାସନକାଳ ମଧ୍ୟରେ ଯେତେଥର ବନ୍ୟା, ବାତ୍ୟା, ମରୁଡ଼ି ଘଟିଛି ତାହାକୁ ଯଥାର୍ଥ ଭାବେ ମୁକାବିଲା କରିଛନ୍ତି ନବୀନବାବୁ। ବିଶେଷକରି ୨୦୧୯ ମେ' ୩ ତାରିଖରେ ଘଟିଥିବା ପ୍ରଳୟଙ୍କରୀ 'ଫନି' ମହାବାତ୍ୟାର ସଫଳ ମୁକାବିଲା କରି ନବୀନ ସରକାର ବିଭିନ୍ନ ମହଲରୁ ପ୍ରଶଂସିତ ହୋଇଥିଲେ। ଏପରିକି 'ଜାତିସଂଘ' ମଧ ନବୀନଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ୨୦୨୦ ମସିହାରେ ସାରା ରାଜ୍ୟରେ ଯେତେବେଳେ ମହାମାରୀ କରୋନା ତା'ର କାୟାବିସ୍ତାର କରିଚାଲିଥିଲା ନବୀନ ପଟ୍ଟନାୟକ ଠିକ୍ ସେହି ସମୟରେ ସଫଳତାର ସହ ମୁକାବିଲା କରିବା ପାଇଁ ଆଗୁଆ ପଦକ୍ଷେପ ନେଇ ସାରା ଦେଶରେ ମଡ଼େଲ ରାଜ୍ୟ ଭାବେ ରାଜନୈତିକ ସ୍ତରରେ ନବୀନଙ୍କ ପତିଆରା ବଢିଛି। ହେଲେ ବିରୋଧୀ ଦଳର ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି। ଆରମ୍ଭରୁ ବିରୋଧୀମାନେ ନବୀନ ସରକାରରେ ଅନେକ ସମୟରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଓଡ଼ିଶାର ରାଜନୈତିକ ପାଣିପାଗକୁ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ଆହୁରି କଠୋର ହେବେ ଏବଂ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ୨୩ ବର୍ଷର ଶାସନ କାଳରେ ଓଡ଼ିଶାବାସୀଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା ହାତକୁ ନେଇ ସଫଳତା ସାଉଁଟି ଚାଲିଛନ୍ତି। ବିଶେଷକରି ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବା ନବୀନବାବୁ, ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରି ସେମାନଙ୍କ ଆର୍ଥିକସ୍ଥିତିକୁ ସୁଦୃଢ କରିବା, ମିଶନ ଶକ୍ତି ନାମରେ ମହିଳା ସଶକ୍ତିକରଣ ଯୋଜନା ସହିତ ଓଡ଼ିଶାବାସୀଙ୍କ ପାଇଁ ମୋ କୁଡ଼ିଆ ଯୋଜନା, ଇନ୍ଦିରା ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଶିକ୍ଷକମାନଙ୍କୁ ନିଯୁକ୍ତି, ଖବରକାଗଜ ହକରମାନଙ୍କୁ କରୋନା ବିପର୍ଯ୍ୟସ୍ତ ସହାୟତା ଏବଂ ଉଠାଦୋକାନୀମାନଙ୍କୁ କୋଭିଡ଼ ସହାୟତା ପ୍ରଦାନ କରିବା ଦ୍ୱାରା, ମହାମାରୀ କରୋନା ସମୟରେ ଦୁର୍ବଳ ହୋଇପଡ଼ିଥିବା ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିଛି।

୫-ଟି ଆଉ ମୋ ସରକାର ଭଳି ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ସ୍ୱାର୍ଥକୁ ପ୍ରାଥମିକତା ଦେଇ ସାଧାରଣ ଜନତାଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେବାରେ ତାଙ୍କର ବିଶେଷ ଭୂମିକା ରହିଛି। ଲଗାତର ଭାବେ ୫ଥର ମୁଖ୍ୟମନ୍ତ୍ରୀ ହୋଇ ଦୀର୍ଘ ୨୩ ବର୍ଷରୁ ଊର୍ଦ୍ଧ୍ୱ କାଳ କ୍ଷମତାରେ ରହିବା ପରେ ନବୀନଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏକ ରୋମାଞ୍ଚକର ଘଟଣା ଦେଖିବାକୁ ମିଳିଥିଲା। ଷୋଡ଼ଶ ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଚାଲିଥିବା ବେଳେ ଧାନକିଣା ତାତିକୁ ନେଇ କ୍ରମାଗତ ଭାବେ ବିଧାନସଭା ଅଚଳ ହୋଇପଡ଼ିଥିଲା। ଏହାକୁ ନେଇ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇ ରାସ୍ତାକୁ ଓହ୍ଲାଇଥିଲେ। ଗୃହରେ ନବୀନଙ୍କ ଅନୁପସ୍ଥିତିକୁ ନେଇ ବିରୋଧୀ ଦଳର ବିଧାୟକମାନେ ବିଧାନସଭାରୁ ସିଧା ନବୀନ ନିବାସ ଯାତ୍ରା କରିଥିଲେ ଯାହା ଅତୀତରେ କେବେ ଘଟିନଥିଲା। ବିରୋଧୀ ଦଳଙ୍କ ପଛେ ପଛେ ଶାସକ ବିଜେଡ଼ି ବିଧାୟକମାନେ ବି ଗଲେ। କିନ୍ତୁ ନବୀନ ନିବାସରେ ପହଞ୍ଚିବା ପରେ ବିରୋଧୀଙ୍କ ସବୁ ଅଙ୍କ ଭୁଲ୍‌ରେ ପ୍ରମାଣିତ ହୋଇଥିଲା। ବିରୋଧୀ ବିଧାୟକମାନେ ଯେଉଁ ମନୋଭାବ ନେଇ ନବୀନ ନିବାସ ଯାତ୍ରା କରିଥିଲେ, ସେଠାରେ ପହଞ୍ଚିବା ପରେ ପାଗ ପରିବର୍ତ୍ତନ ହୋଇଯାଇଥିଲା। ହଠାତ ବଦଳିଯାଇଥିଲେ ବିରୋଧୀ ବିଧାୟକ-ମାନେ। ଚନ୍ଦନ ଟୋପା ଓ ପୁଷ୍ପଗଚ୍ଛ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ ପରେ ଘୋଳଦହି ପିଆଇ ଅତିଥି ଦେବୋ ଭବରେ ଆପ୍ୟାୟିତ କରଗଲା ପରେ ଏହି ଘଟଣାର ଯବନିକା ପଡ଼ିଥିଲା। ନବୀନ ପଟ୍ଟନାୟକ ସେଠାରେ ବିରୋଧୀ ବିଧାୟକଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ବିରୋଧୀଙ୍କ ଦାବିକୁ ଗ୍ରହଣ କରିଥିଲେ। ଏହି ଘଟଣାରେ ନବୀନଙ୍କୁ ପ୍ରଶଂସା ପରେ ପ୍ରଶଂସା ମିଳିଥିଲା। ଖାଲି ସେତିକି ନୁହେଁ ଯଦି କୌଣସି କର୍ମୀ, ନେତା ବା ସାଧାରଣ ଜନତା ନବୀନଙ୍କୁ ସମାଲୋଚନା କରନ୍ତି, ତେବେ ସେ କେବେ ବି କିଛି ପ୍ରତିକ୍ରିୟା ପ୍ରକାଶ କରନ୍ତିନାହିଁ। ସ୍ୱଚ୍ଛ, ସରଳ, ନିର୍ମଳ ଭାବମୂର୍ତ୍ତି ନୀତିକୁ ଆପଣାଇ ନବୀନ ଓଡ଼ିଶା ମାଟିରେ ନିଜକୁ ନାୟକରୁ ମହାନାୟକ ବନାଇ ସାରିଛନ୍ତି। ନବୀନଙ୍କୁ ଦୀର୍ଘ ୨୩ ବର୍ଷ ମଧ୍ୟରେ ପ୍ରତିହତ ବା ମୁକାବିଲା କରିବା ପାଇଁ ଓଡ଼ିଶାରେ କୌଣସି ଜାତୀୟ ବା ଆଞ୍ଚଳିକ ରାଜନୈତିକ ଦଳ ସକ୍ଷମ ହୋଇପାରିନାହାଁନ୍ତି।

*-କଣ୍ଟି, ବାହାରଣା, ବାଲିକୁଦା,*
*ଜଗତସିଂହପୁର, ଫୋନ୍ :*
*୮୩୨୮୮୪୦୨୧୪*




# ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ

ଚଣ୍ଡିଖୋଲ,(ପି.ଏନ୍): ଆଜି ଚଣ୍ଡିଖୋଲ ଛକ ଠାରେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ମହା ସମାରୋହ ତଥା ଆନନ୍ଦ ଓ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ ବଡ଼ଚଣା ବିଜେଡ଼ି ବ୍ଲକ୍ ବିଜେଡ଼ି ଦଳର ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଦୀର୍ଘ ୨୫ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତଥା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳ ନିରବଚ୍ଛିନ ଭାବରେ ୨୧ ବର୍ଷ ଧରି ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ ବିକାଶଶୀଳ ଶାସନ ଦେଇ ଆସୁଛନ୍ତି। ବିଭିନ୍ନ ଜନ ହିତକର ଯୋଜନା ପ୍ରଣୟନ କରି ଦାରିଦ୍ର ସୀମାରେଖା ତଳେ ଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଜି ତାର ବିକାଶ ଦିଗରେ ଅଗ୍ରସର ହୋଇଛି। ଏକ ଆଂଚଳିକ ଦଳ ଭାବରେ ସମଗ୍ର ଭାରତ ବର୍ଷରେ ନିଜର ନିତି ଆଦର୍ଶ ଓ ସୁ-ଶାସନ ଯୋଗୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ନମ୍ବର ମୁଖ୍ୟମନ୍ତ୍ରୀର ମାନ୍ୟତା ପାଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଯେଉଁ ବିକାଶ ଧାରା ଚାଲିଅଛି। ସେହି ବିକାଶ ଧାରାରେ ବଡ଼ଚଣାକୁ ସାମିଲ କରି ଏକ ବିକଶିତ, ସ୍ୱାଭିମାନୀ, ବଡ଼ଚଣା ଗଠନ କରିବାକୁ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ଶ୍ରୀ ଶତପଥୀ ଆହ୍ୱାନ ଦେବା ସହ ୨୫ଟି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କେକ୍ କାଟି ଉପସ୍ଥିତ କର୍ମୀମାନଙ୍କୁ ବଂଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ୍, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା , ସଭ୍ୟା ବିନୋଦିନୀ ସାହୁ, ସୁମତି ବାସ୍କେ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଯୁବ ସଭାପତି ଗଣେଶ୍ୱର ବରାଳ, ଛାତ୍ର ସଭାପତି ଯଚିନ୍ଦ୍ର ନାୟକ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ମୋହିନି ଅହମଦ୍, ସରପଂଚ ହରପ୍ରିୟା ବରାଳ, ନୟନା ବେହେରା, ନିବେଦିତା ସାହୁ, ସମରେନ୍ଦ୍ର ମହାପାତ୍ର, ଫନିନ୍ଦ୍ର ପଣ୍ଡା, ଆଶିଷ ରଂଜନ ଚୌଧୁରୀ, ବଡ଼ଚଣା ମିଶନ ଶକ୍ତି ୧ର ସଭାନେତ୍ରୀ କିଛିନା ମହାପାତ୍ର, ୨ର ସଭାନେତ୍ରୀ ପ୍ରମିଳା ଜେନା, ଅମର ମହାନ୍ତି, ପଂଚାନନ ଧଳ, ମାନସ ପଣ୍ଡା, ଯୁଗଳ ଖିଲାର, ସଂଜୟ ସ୍ୱାଇଁ, ଚିନ୍ମୟ ମହାନ୍ତି, ଦିଲିପ୍ ରାଉତ, ମିହିର ସ୍ୱାଇଁ, ପ୍ରମୁଖ ଉଦବୋଧନ ଦେଇ ବିଜେଡ଼ିର ୨୫ତମ ପ୍ରତିଷ୍ଠା ଦିବସ, ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱକୁ ପ୍ରସଂଶା କରିଥିଲେ। ଯୁବ ବିଜେଡ଼ି ପକ୍ଷରୁ ମସିର ଆଲାମ୍, ପ୍ରିୟବ୍ରତ ଖିଲାର, ଅମିନ ନାୟକ, ନବଦ୍ୱିପ୍ ନାୟକ, ଦିଲିପ୍ ଦାସ, ଅନନ୍ତ ଜେନା, ମଧୁସୂଦନ ବଳ, ବିନୟ ପୃଷ୍ଟି, ପ୍ରକାଶ ପ୍ରଧାନ, ସୁଶାନ୍ତ ନାୟକ ପ୍ରମୁଖ ବିଧାୟକଙ୍କୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ମୁଖ୍ୟମନ୍ତ୍ରୀ ଭରଚୁଆଲ ମାଧ୍ୟମରେ ଉଦବୋଧନ ଦେଇଥିଲେ। କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନବୀନ ନବୀନ ସଂଗୀତରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ସୁଣ୍ଡୁଡ଼ା ସରପଂଚ ଚାଚାଲିନ୍ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଛାତ୍ରନେତା ଯଚିନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଅପରାଧିକ ମାମଲାରେ ସଂପୃକ୍ତ ବ୍ୟକ୍ତି ଗିରଫ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ଅନ୍ତର୍ଗତ ପୋଡାଡିହ ଗ୍ରାମର ରମେଶ ଜଗଦେବ ଚୋରୀ,ଡକାୟତି ଓ ରାହାଜାନି ଭଳି ବିଭିନ୍ନ ଅପରାଧିକ ମାମଲାରେ ଛନ୍ଦି ହୋଇ ପୂର୍ବରୁ ଗିରଫ ହୋଇ ଜେଲରୁ ମୁକୁଳି ଥିଲେ ମଧ୍ୟ ପୂର୍ବପରି ତାଙ୍କ କାର୍ଯ୍ୟକଳାପ ଜାରି ରଖିଥିଲେ ।ସେ କଟକ ଜିଲ୍ଲା ବାଙ୍କୀ ଅଂଚଳରେ ଏକ ଡକାୟତି କରି ଗିରଫ ହୋଇ ବାଙ୍କୀ ଏସଡିଜେଏମ କୋର୍ଟରେ ବିଚାର ଚାଲୁଥିବା ସମୟରେ ଚତୁରତାର ସହ ଖସି ଯାଇଥିଲେ । ସେହି ଦିନ ଠାରୁ ତାଙ୍କ ନାମରେ ଜାମିନବିହୀନ ପରୱାନା ଜାରି କରାଯାଇ ପୋଲିସ ଖୋଜି ବୁଲୁଥିଲା । ବାଘମାରୀ ଥାନା ଅଧିକାରିଣୀ ଅର୍ଚ୍ଚନା ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଭୁବନେଶ୍ୱର ଡ଼ିଭିଜନ ଜୀବନ ବୀମା କର୍ମଚାରୀ ସଂଘର ୧୪ତମ ବାର୍ଷିକ ସାଧାରଣ ସମ୍ମିଳନୀ ଅନୁଷ୍ଠିତ

ଖୋର୍ଦ୍ଧା, (ପି.ଏନ): ଭୁବନେଶ୍ୱର ଡ଼ିଭିଜନ୍ ଜୀବନ ବୀମା କର୍ମଚାରୀ ସଂଘର ୧୪ତମ ବାର୍ଷିକ ସମ୍ମିଳନୀ ଖୋର୍ଦ୍ଧା ଜୀବନ ବୀମା ନିଗମ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ବୀମା କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ କେ. ଭେନୁଗୋପାଳ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାର ପ୍ରାୟୋଜିତ ଘରୋଇ କରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏଲ.ଆଇ.ସି ୧୯୫୬ ମସିହାରେ କେନ୍ଦ୍ର ସରକାରଙ୍କ ମାତ୍ର ୫ କୋଟି ମୂଳ ପୁଞ୍ଜିରେ ଆରମ୍ଭ ହୋଇ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ୩୮ ଲକ୍ଷ କୋଟି ସମ୍ପଦର ପାହାଡ଼ ସୃଷ୍ଟି କରିପାରିଛି। ଦେଶର ବିଭିନ୍ନ ପଂଚ ବାର୍ଷିକ ଯୋଜନାରେ ପ୍ରାୟ ୨୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଶର ବିଭିନ୍ନ ଭିତି ଭୂମି ବିକାଶ କାର୍ଯ୍ୟରେ ବିନିଯୋଗ କରିଛି। ପ୍ରାୟ ୪୦ କୋଟି ବୀମା ଧାରକଙ୍କ ବିଶ୍ୱାସର ଆଜି ଅନ୍ୟନାମ ହେଉଛି ଏଲ.ଆଇ.ସି କେନ୍ଦ୍ର ସରକାର ଏଲ.ଆଇ.ସିକୁ ବରବାଦ କରିବା ଲାଗି ଏଲ.ଆଇ.ସିରେ ଆ.ପି.ଓ ଜରିଆରେ ଘରୋଇ କରଣ ଶିକାର କରିବା ଲାଗି ପଥ ପରିଷ୍କାର କରିଛନ୍ତି। ଏହି ଆଇ.ପି.ଓ ଦେଶ ବିରୋଧୀ ଓ ଜନ ବିରୋଧୀ ହୋଇଥିବାରୁ ଏହାକୁ ବିରୋଧ କରିବା ପାଇଁ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ ଭାରତ ଭୂଷଣ ନାୟକ, ସଙ୍ଗଠନର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବିବରଣୀ ଉପରେ ୧୧ଟି ଯାକ ବେସ କମିଟିର ସମ୍ପାଦକମାନେ ମତ ଦେଇଥିଲେ। ସରକାରଙ୍କର ଘରୋଇ କରଣ ନୀତି ତଥା ରାଷ୍ଟ୍ର ବିରୋଧୀ, ରାଷ୍ଟ୍ରାୟତ, ଶିଳ୍ପର ବରବାଦ ନୀତିକୁ ପରାସ୍ତ କରିବା ପାଇଁ ଏହି ସମ୍ମିଳନୀରେ ନିଷ୍ପତି ଗ୍ରହଣ କରାଯାଇଥିଲା। ପରିଶେଷରେ ଆଗାମୀ ବର୍ଷ ପାଇଁ ଚନ୍ଦ୍ର ମୋହନ ହାଇବୃ, ବି.ବି. ନାୟକ ଓ ଅରୁଣ କୁମାର ମହାନ୍ତି ସଂଗଠନର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ଖୋରଧା ଶାଖା ଆନୁକୁଲ୍ୟରେ ଏବଂ ଖୋର୍ଦ୍ଧା ଶାଖାର ସାଧାରଣ ସମ୍ପାଦକ ସଂଜୟ କୁମାର ସାମଲ, ଆୟୋଜକ ସମ୍ପାଦକ, ଶୁଭେନ୍ଦୁ ଶେଖର ବିଜୟସିଂହ, ସଭାପତି ରୁଦ୍ର ନାରାୟଣ ଧଳ ସାମନ୍ତ, ଉପସଭାପତି ବିଜୟ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରମୋଦିନୀ ଜେନା, ସୁବାଷ ଚନ୍ଦ୍ର ସ୍ୱାଇଁ ଏବଂ ଖୋରଧା ଶାଖାର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## କୁତୁରଙ୍ଗରେ ଧାନମଣ୍ଡି ବନ୍ଦ କରାନଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ସମବାୟ ସମିତିର ଧାନମଣ୍ଡିକୁ ବନ୍ଦ କରାନଯିବାକୁ କୁତୁରଙ୍ଗ, ନିକିରାଇ ଓ ଢୋଲ ପଞ୍ଚାୟତର ଚାଷୀମାନେ କୁତୁରଙ୍ଗ ପଞ୍ଚାୟତ ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ ଚଳିତ ଖରିଫ ଋତୁରେ ଅମଳ ହେବାକୁ ଥିବା ଧାନ କୁତୁରଙ୍ଗ ଧାନମଣ୍ଡିରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୀ କରିବା ପାଇଁ ଚାଷୀମାନେ କୁତୁରଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ରାଜ୍ୟ ଯୋଗାଣ ବିଭାଗରେ ନାମ ପଞ୍ଜିକୃତ କରିଥିଲେ। ବିଗତ ଜୱାଦ ବାତ୍ୟା ଓ ତତ୍‌ଜନିତ ଲଗାଣ ବର୍ଷାରେ ବହୁ ଧାନଫସଲ ନଷ୍ଟ ହୋଇଯାଇଥିବା ବେଳେ ବଞ୍ଚିଯାଇଥିବା ଅବଶିଷ୍ଟ ଧାନକୁ ଚାଷୀମାନେ ବିକ୍ରୀ କରିବାକୁ ଆଶାବାନ୍ଧି ବସିଛନ୍ତି। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ କୁତୁରଙ୍ଗ ସମବାୟ ସମିତିରେ ପଞ୍ଜିକୃତ ଚାଷୀଙ୍କୁ ଇନ୍ଦୁପୁର



ଧାନମଣ୍ଡିରେ ଧାନ ଦେବାକୁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଚାଷୀମାନେ ଏଭଳି ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। କୁତୁରଙ୍ଗ ସମିତିରେ ପଞ୍ଜିକୃତ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ପରିବହନ ଖର୍ଚ୍ଚ ଦେଇ ୧୦କିଲୋମିଟର ଦୂରକୁ ଧାନ ନେଇ ଇନ୍ଦୁପୁର ଧାନମଣ୍ଡିରେ ବିକ୍ରୀ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଏତଦବ୍ୟତିତ ଇନ୍ଦୁପୁର ଠାରେ ମଣ୍ଡି ପରିଚାଳନା ପାଇଁ ସ୍ଥାନ ଏବଂ ଗୋଦାମ ଗୃହର ଅଭାବ ରହିଥିବା, ମଣ୍ଡିରେ ଧାନ ଗଦାକରି ବହୁ ସମୟ ଅପେକ୍ଷା କରିବାକୁ ପଡୁଥିବାରୁ ସେଠାରେ ଧାନ ଚୋରୀ ହେବାର ସମ୍ଭାବନା ଥିବା ସହ ଖରାବର୍ଷାରେ ଧାନ ନଷ୍ଟ ହୋଇ ଚାଷୀ କ୍ଷତିଗ୍ରସ୍ତ ହେବାର ମଧ୍ୟ ସମ୍ଭାବନା ରହିଛି। କୁତୁରଙ୍ଗ ଧାନମଣ୍ଡି ବନ୍ଦ କରାଗଲେ ଚାଷୀମାନେ ଅଭାବି ବିକ୍ରୀର ସମ୍ମୁଖୀନ ହେବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବିଗତ ଦିନରେ କୁତୁରଙ୍ଗ, ଢୋଲ ଏବଂ ନିକିରାଇ ୩ଟି ପଞ୍ଚାୟତର ଚାଷୀମାନଙ୍କ ଠାରୁ କୁତୁରଙ୍ଗ ଧାନମଣ୍ଡିରେ ଜିଲ୍ଲାର ସର୍ବାଧିକ ଧାନ ସଂଗୃହିତ ହୋଇଥିବାର ରେକର୍ଡ ରହିଛି। ତେଣୁ ଚଳିତ ବର୍ଷ କୁତୁରଙ୍ଗ ଧାନମଣ୍ଡିକୁ ବନ୍ଦ କରାନଯିବାକୁ ସରପଞ୍ଚ ଶ୍ରୀମତୀ ମଲ୍ଲିକଙ୍କ ନେତୃତ୍ୱରେ ଯୁବନେତା ନରୋତ୍ତମ ମଲିକ, ଶରତ ଚନ୍ଦ୍ର ଜେନା, ଅକ୍ଷୟ କୁମାର ସାହୁ, ଦୁଃଶାସନ ମଲିକ, ଅଭିମନ୍ୟୁ ମହାନ୍ତି, ରାଜନ ପ୍ରସାଦ ଥାଟୋଇ,ଗୋଲଖ ଚନ୍ଦ୍ର ଜେନା, ଅକ୍ଷୟ କୁମାର ଜେନା, ବିଦ୍ୟାଧର ମଲିକ, କଳ୍ପତରୁ ଜେନା, ରମେଶ ଚନ୍ଦ୍ର ପରିଡ଼ା, ଧରଣୀଧର ସାହୁ, ମନୋଜ କୁମାର ସାହୁ, ଶ୍ରୀଚରଣ ସାହୁ, ଚିତ୍ତରଞ୍ଜନ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ବେହେରା, ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଦୀପ କୁମାର ଆଚାର୍ଯ୍ୟ, ଆଦିକନ୍ଦ ଜେନା, ସରକାରୀ ଆଇନଜୀବୀ ନିରଞ୍ଜନ ବଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିବସରେ ଓଡ଼ିଶୀ ଛନ୍ଦ ଓ ରସର ଭାବମୟ ପରିବେଶଣ

ଭୁବନେଶ୍ୱର, (ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିବସ ରେ ପ୍ରଥମେ ସସ୍ମିତା ମହାନ୍ତି ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ ଅଭିନୟ ଭଗବତୀ ଅଷ୍ଟକମ୍ - ଜୟ ଭଗବତୀ ଦେବୀ ନମୋ ବରଦେ ପରେ ପରେ ବର୍ଷା ପ୍ରିୟଦର୍ଶନୀଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଧାୟେତ୍ ସୁବର୍ଣ୍ଣ ବର୍ଣ୍ଣାଭ୍ୟା ତ୍ରିନେତ୍ରୀ ଚାରୁ ଭାସିନୀ ପରିବଶେଣ ହୋଇଥିଲା । ତା ପରେ ଅନୁଜା ପଦବେଙ୍କ ଦ୍ୱାରା ପଲ୍ଲବୀ, ପ୍ରୀୟବ୍ରତ ପଲ୍ଲାଇଙ୍କ ଦ୍ୱାରା ରାଗ ବସନ୍ତ ଓ ତାଳ ଏକତାଳୀରେ ପଲ୍ଲବୀ ପରିବେସିତ ହୋଇଥିଲା । ପରବର୍ତୀ ପ୍ରସ୍ତୁତିରେ ଥିଲା ମୃତ୍ୟୁଞ୍ଜୟ ବାସଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି ପରେ ପରେ ଅଙ୍କିତା ବେହେରାଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନୀ କେଳି କଦମ୍ବ ମୂଳେ ପରିବେସିତ ହୋଇଥିଲା । ସିନ୍ଧୁ ବ୍ରାଉନଙ୍କ ଦ୍ୱାରା ପଲ୍ଲବୀ ରାଗ ସାବେରୀ ଓ ତାଳ ଏକତାଳୀରେ ନିବଦ୍ଧ ଥିଲା ପରେ ପରେ ପ୍ରଶାନ୍ତ କୁମାର ଭାଇନାଙ୍କ ଦ୍ୱାରା ଅଭିନୟ ଗଣେଶ ବନ୍ଦନା, ବର୍ଷା ପ୍ରିୟଦର୍ଶନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଶିବ ତାଣ୍ଡବ, ସୁଦେଷ୍ଣା ଦତଙ୍କ ଦ୍ୱାରା ଅଷ୍ଟପଦୀ ଏବଂ ଦତଗତ ନୃତ୍ୟ ପର୍ଯ୍ୟାୟରେ ଅଳକା ସାହୁ ଓ ସାଥୀଙ୍କ ଦ୍ୱାରା ଅଭିନୟ ମଙ୍ଗଳା ଚରଣ ଶିବସ୍ତୁତି ଓ ନମୋସ୍ତେଷ୍ଟୁ ବିଶ୍ୱେଶ୍ୱରାୟ ପରିବେଶଣ ହୋଇଥିଲା । ଅପରାହ୍ନ ରେ ପ୍ରଥମେ ନୃତ୍ୟାଳୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଅଭିନୟ ନିଳାଦ୍ରୀ ନାଥ ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ଶୁଭାଙ୍ଗିନୀ ମଲ୍ଲିକ ଙ୍କ ଦ୍ୱାରା ଦେଖ ଗୋ ରାଧା ମାଧବ ଚାଲି, ଅନୁଷା ଜୈନଙ୍କ ଦ୍ୱାରା ପଲ୍ଲବୀ, ଗୀତିକା ପାତ୍ରଙ୍କ ଦ୍ୱାରା ଅଭିନୟ ବଚ୍ଚକାନ୍ତି ପଲ୍ଲବୀ, ବର୍ଷା ଦାସଙ୍ଗ ଦ୍ୱାରା ଅଭିନୟ ଶ୍ରୀଅଙ୍ଗ ଚରଣ, ଆଲିଶା ଶିରୋଙ୍କ ଦ୍ୱାରା ଅଭିନୟ (ଚମ୍ପୁ) ଲୀଳା ନିଧି ହେ ଲାଜେ ମୁ ଗଲିଟି ମରି, ସୁଚିସ୍ମିତା ସାହୁଙ୍କ ଦ୍ୱାରା ଅଭିନୟ ଦେଖିବ ପରା ଆସରେ ପ୍ରାଣ ସଙ୍ଗିନୀ ଶ୍ରୀ ବଂଶୀଧର ବେଶକୁ ଓ ସମ୍ୟ ସୁଚରିତା ପାଲଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରି ପରିବେସିତ ହୋଇଥିଲା। ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଶୁଭାଙ୍ଗିନୀ ସ୍ୱାଇଁ ଓ ଅସ୍ମିତା ଦାସଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରୀ କୁଞ୍ଜେ ବିହରି ଏବଂ ସୁସ୍ମିତା ରାୟ ଓ ମୌମିତା ରାୟଙ୍କ ଦ୍ୱାରା ବଲ୍ଲବୀ ପରିବେସିତ ହୋଇଥିଲା । ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଓଡ଼ିଶୀ ଡ୍ୟାନ୍ସ କ୍ରୀୟସନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ମଞ୍ଜରୀ ପରିବେସିତ ହୋଇଥିଲା। ସଂଧ୍ୟା ଅଧିବେସନର ପ୍ରଥମ ପ୍ରସ୍ତୁତି ଥିଲା ଜାହ୍ନବୀ ବେହେରାଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଗଣେଶ ବନ୍ଦନା-ଗଉରୀ ନନ୍ଦନ ବିଘ୍ନ ବିନାଶନ ପରେ ପରେ ସୁମନଜିତ୍ ଚକ୍ରବର୍ତୀଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି-ମଧୁବନ ଏବଂ ଶ୍ରୀରାଧା ପଲଙ୍କ ଦ୍ୱାରା ଅଭିନୟ ମୋହନ ମୁରତୀ ଛଇଲୋ ଯାହା ରାଗ ଭୈରବୀ ଓ ତାଳ ରୂପକ ଉପରେ ନିବଦ୍ଧ ଥିଲା । ପରବର୍ତୀ ପ୍ରସ୍ତୁତିଟି ଥିଲା ଐଶାନୀ ଭଟ୍ଟାଚାର୍ଯ୍ୟ ଓ ପ୍ରଚେତା ରାୟଙ୍କ ଦ୍ୱାରା ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଗଣେଶ ବନ୍ଦନା-ଗଉରୀ ନନ୍ଦନ ବିଘ୍ନ ବିନାଶନ ପରେ ପରେ ରାଜେଶ ପଲ୍ଲାଇଙ୍କ ଦ୍ୱାରା ଅଭିନୟ ଆହେ ନୀଳ ଶଇଳ ପରିବେସିତ ହୋଇଥିଲା । ତାଙ୍କ ପରେ ଏକକ ପର୍ଯ୍ୟାୟରେ ପଦ୍ମଜା ପ୍ରୀୟମ୍ବଦା, ବ୍ରୀନ୍ଦା ଚଢା, ବିଜୟ କୁମାର ଦାଶ ନୃତ୍ୟ ପରିବେଶଣ କରିଥିଲେ । ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସନ୍ତୋଷ ରାମ ଓ ସମୀର କୁମାର ପାଣିଗ୍ରାହୀ ଓ ଶେଷରେ ଉତ୍କଳ ନୃତ୍ୟ ଓ ଗବେଷଣା ଏକାଡ଼େମୀର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶଣ ହୋଇଥିଲା । ସଂଧ୍ୟା ଅଧିବେଶନର ଅତିଥି ଥିଲେ ଗୁରୁ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ପ୍ରଫେସର ରାମହରି ଦାସ, ଆଇ.ସି.ସି.ଆର ନିର୍ଦ୍ଦେଶୀକା ମିନାକ୍ଷୀ ମିଶ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ । ଏହି ନୃତ୍ୟ କାର୍ଯ୍ୟକ୍ରମଟି ଓଡ଼ିଶୀ ଗବେଷଣା କେନ୍ଦ୍ରର ଫେସବୁକ୍ ଓ ୟୁଟ୍ୟୁବ ଚେନାଲରେ ଲାଇଭ୍ ଷ୍ଟ୍ରିମିଙ୍ଗ କରାଯାଉଥିଲା । ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଂଚରେ ଅନୁଷ୍ଠିତ ହେଉଥିବା ଏହି ଉତ୍ସବଟି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରାଜଧାନୀରେ ବିଶାଳ ପାଇକ ସମାବେଶ : ଜାନୁୟାରୀ ୨୪ରେ ଦିଲ୍ଲୀ ଯାତ୍ରା

ଭୁବନେଶ୍ୱର, (ପି.ଏନ): ୧୮୧୭ ମସିହାର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଦାବିରେ ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆଜି ରାଜଧାନୀ ଭୁବନେଶ୍ୱରରେ ଏକ ବିଶାଳ ଜନଗର୍ଜନ ପାଇକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ୫୦୦୦ରୁ ଉର୍ଦ୍ଧ୍ୱ ପାଇକ ଯୋଗଦେଇ ରଣବାଦ୍ୟର ତାଳେ ତାଳେ ପାରମ୍ପରିକ ପାଇକ ବେଶପୋଷାକ ପିନ୍ଧି, ଗଦା, ମୁଦ୍‌ଗର, ଖଣ୍ଡା, ବନାଟି ଆଦି ଚାଳନା କରିବା ସହ ପାଇକ ବୋଲି ଗାନ କରି ଦାବି ପୂରଣ ପାଇଁ ବିରାଟ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକରୁ ବାହାରି ରାମ ମନ୍ଦିର ଦେଇ ଏକାମ୍ରହାଟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଓଡ଼ିଆଜାତିର ଗର୍ବିତ ସାମରିକ ପରମ୍ପରା ଉପରେ କୁଠାରଘାତ ହୋଇଥିବାରୁ ଏହା ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ମନରେ ଆଘାତ ସୃଷ୍ଟି ହୋଇଛି। ତେଣୁ ଆସନ୍ତା ଜାନୁୟାରୀ ମାସ ୨୩ ତାରିଖ ସୁଦ୍ଧା ଯଦି ଆମର ଦାବି ପୂରଣ ନହୁଏ, ତେବେ ୨୪ ତାରିଖ ଦିନ ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ମହାସଂଘ ତରଫରୁ ଦିଲ୍ଲୀ ଯାତ୍ରା କରିବୁ। ଦିଲ୍ଲୀର ଲାଲ୍‌କିଲାରେ ପାଇମାନଙ୍କ ସମାବେଶ ଅନୁଷ୍ଠିତ ହେବା ସହ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ। ସେହି ପ୍ରତିବାଦ ସଭାକୁ ବିଜେପି, ବିଜେଡ଼ି ଓ କଂଗ୍ରେସର ଦଳର ସାଂସଦମାନଙ୍କୁ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଅନ୍ୟ କେନ୍ଦ୍ରମନ୍ତ୍ରୀଦ୍ୱୟଙ୍କୁ ଯୋଗଦାନ ପାଇଁ ନିମନ୍ତ୍ରଣ କରାଯିବ ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ଆମର ଦାବି ପୂରଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯିବ।

## ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ, ମଂଚେଶ୍ୱର ସେମି ଫାଇନାଲରେ

ଖୋର୍ଦ୍ଧା, (ପିଏନ):ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ସଲଗ୍ନ ଖେଳ ପଡିଆରେ ସ୍ଥାନୀୟ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆଜିର ମ୍ୟାଚଟି ମଂଚେଶ୍ୱର କ୍ରିକେଟ କ୍ଲବ ଓ କାଇପଦର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କାଇପଦର କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୮ ରନ ସଂଗ୍ରହ କରିଥିବା ବେଳେ ବିଜୟ ଲକ୍ଷ୍ୟରେ ମଂଚେଶ୍ୱର କ୍ରିକେଟ ଦଳ ୧୭ ଓଭରରେ ୪ ଉଇକଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା । ଏହି ଖେଳରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ଶାଖାର ପରିଚାଳକ ସମର ବଲ୍ଲଭ ରଥ ଅତିଥିଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଖେଳକୁ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ପ୍ରଭାତ କୁମାର ପଣ୍ଡା ଅମ୍ପାୟାର ରହିଥିବା ବେଳେ କେ ରାଜାରାଓ ରେଫରିଦାୟିତ୍ୱ ତୁଲାଇଥିଲେ । ବଂଶୀଧର ପାଣିଗ୍ରାହୀ,ସୌମୟ ରଞ୍ଜନ ଦାଶ,ବାମଦେବ ମହାନ୍ତି,ନରସିଂହ ପ୍ରଧାନ,ହେମନ୍ତ ଶତପଥି ଓ ମିଥୁନ ପ୍ରଧାନ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ ।

## ପ୍ରଥମେ ସଂରକ୍ଷଣ, ତା'ପରେ ନିର୍ବାଚନ : କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ପଛୁଆବର୍ଗ ସଂରକ୍ଷଣ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମିଡ଼ିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ସ୍ପଷ୍ଟ ଭାବରେ କହିଛନ୍ତି ଯେ ଓବିସି ମାନଙ୍କ ପାଇଁ ପ୍ରଥମେ ସଂରକ୍ଷଣ କରି ତା'ପରେ ନିର୍ବାଚନ କର। ରାଜ୍ୟର ୫୦ ଭାଗରୁ ଅଧିକ ଜନସଂଖ୍ୟ ଥିବା ଏହି ବର୍ଗପ୍ରତି ଅବିଚାରକୁ ମୁଣ୍ଡପାତି ସହିନେବା ସମ୍ଭବ ନୁହେଁ। ଓବିସି ବର୍ଗର ସାମାଜିକ, ଅର୍ଥନୈତିକ ତଥା ରାଜନୀତିକ ସ୍ୱାର୍ଥର ସୁରକ୍ଷା ପାଇଁ କଂଗ୍ରେସ ଅଙ୍ଗୀକାରବଦ୍ଧ, ସୁତରାଂ ସଂରକ୍ଷଣ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଓବିସି ପାଇଁ ଆସନ ସଂରଣକ୍ଷ କରି ନିର୍ବାଚନ କରାଯାଉ। ବ୍ୟତିକ୍ରମ ହେଲେ କଂଗ୍ରେସର ବଚରାଳୟକୁ ଯିବ ଓ ଲୋକଙ୍କ ପାଖକୁ ଯିବ। ଏ ସଂପର୍କରେ ରାଜ୍ୟ ସରକାର ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ଦୃଢ଼ ଦାବି ଜଣାଉଛି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ଓବିସିର ସ୍ୱାର୍ଥପ୍ରତି ଅଣଦେଖା କରିଚାଲିଛନ୍ତି। କେନ୍ଦ୍ର ମୋଦି ସରକାର ଜାତି ଭିତିକ ଜନଗଣନା କରିବାକୁ କରିଦେଲେ, ଦ୍ୱିତୀୟରେ, ଉପା- ସରକାର ଅମଳରେ ୨୦୧୧ ରେ ଯେଉଁ ସାମାଜିକ, ଅର୍ଥନିତୀକ ଓ ଜାତି (ଏସ୍‌ଇସିସି) ଗଣନା ହୋଇଥିଲା। ତାହା ରିପୋର୍ଟ ପ୍ରକାଶ କଲେ ନାହିଁ। ଆଳ ଦେଖାଇଲେ ଯେ ଏସ୍‌ଇସିସି ରିପୋର୍ଟ ୨୦୧୧ ତ୍ରୁଟିପୂର୍ଣ୍ଣ। ଏହି ଆଳ ସଂପୂର୍ଣ୍ଣ ନିରାଧାର। ଶ୍ରୀଯୁକ୍ତ ବେହେରା ତଥ୍ୟପୂର୍ଣ୍ଣ ଯୁକ୍ତ ଉପସ୍ଥାପିତ କରି ଦର୍ଶାଇଥିଲେ ଯେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ତା'ର ମାନ୍ୟବର ଲୋକସଭା ବାଚସ୍ପତିଙ୍କୁ ଜୁଲାଇ ୩୧,୨୦୧୬ରେ ଉଲ୍ଲେଖ୍ୟ କରିଥିଲେ ଯେ ଉପରୋକ୍ତ ଏସ୍‌ଇସିସି ସର୍ଭେରେ ୯୮.୮୭ ତଥ୍ୟ ତ୍ରୁଟିଶୂନ୍ୟ। ଏହା ସାଂଗକୁ ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ମଧ୍ୟ ଅନୁରୂପ ମତ ଦେଇ କହିଲେ ଯେ ଏହି ସର୍ଭେରେ ମାତ୍ର ୧ ଭାଗରୁ କମ ତ୍ରୁଟି ଅଛି। ସୁତରାଂ କେନ୍ଦ୍ର ସରକାର ଏ ସବୁକୁ ଏଡ଼ାଇ ଯାଇଛନ୍ତି। ଓବିସି ପ୍ରତି ଘୋର ଅନ୍ୟାୟ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ପଛୁଆବର୍ଗଙ୍କ ପ୍ରତି ନ୍ୟାୟ ପ୍ରଦାନ କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି। ମିଡିଆ ଅଧ୍ୟକ୍ଷ ଦର୍ଶାଇ ଥିଲେ ଯେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୨୦୧୦ ରୁ କେ. କୃଷ୍ଣମୂର୍ତି ବନାମ ଭାରତ ସରକାର ରାୟରେ ନିର୍ଦ୍ଦେଶ ଜାରି କରିଥିଲେ ଯେ ତିନିଗୋଟି ସର୍ତପୂରଣ କଲାପରେ ଯାଇ ଓବିସି ମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ କରିପାରିବ। ମାତ୍ର ଦୀର୍ଘ ୧୧ବର୍ଷ ଧରି ସରକାର ଶୋଇ ରହିଲେ। ଆଜି ଓବିସିଙ୍କ ପାଇଁ ଶୂନ ହେବାକୁ ଯାଉଛି। ୧୯୯୭, ୨୦୦୨, ୨୦୦୭, ୨୦୧୨ ଓ ୨୦୧୭ ରେ ୨୭ ଭାଗ ଆସନ ସଂରଣକ୍ଷ ପାଇଁ ଉପକୃତ ହୋଥିବା ପଛୁଆବର୍ଗ ୫ ଗୋଟି ନିର୍ବାଚନ ପରେ ୨୦୨୨ ନିର୍ବଚନରେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇଛନ୍ତି। ସେହିପରି ଗତ ସେପ୍ଟେମ୍ବର ୭ ରେ ପୌର ଆଇନ ଓ ସେପ୍ଟେମ୍ବର ୮ ରେ ପଂଚାୟତ ଆଇନ ଓଡ଼ିଶା ବିଧାନ ସଭାରେ ବିନା ଆଲୋଚନରେ ପାରିତ କରିନେଲେ। ଏହି ଦୁଇ ଆଇନର ସଂଶୋଧନ ଫଳରେ ସଂରକ୍ଷଣ ୨୭ ଭାଗକୁ ୧୧.୨୫ ଭାଗକୁ ହ୍ରାସ ପାଇଲା। ସେତେବେଳେ ମଧ୍ୟ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ କଥା ଚିନ୍ତା କଲେ ନାହିଁ।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ



ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ।

# ମୋ ସହର

## କେନ୍ଦ୍ରାପଡା ମଣ୍ଡଳ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘର ବୈଠକ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ମଣ୍ଡଳ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘର ଏକ ବୈଠକ ତାରିଣୀ ମନ୍ଦିର ପରିସରରେ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକ ଉତ୍ତର ଡାକ ମଣ୍ଡଳ ଗତ ଅପ୍ରେଲମାସ ୨୦୨୧ଠାରୁ ବିଭାଜିତ ହୋଇ ନୂତନ କେନ୍ଦ୍ରାପଡା ଓ ଯାଜପୁର ମଣ୍ଡଳ ଭାବେ ଗଠିତ ହୋଇ ଦୁଇଟି ମଣ୍ଡଳ ଭାବେ କାର୍ଯ୍ୟ କରୁଛି। ଏହି ବୈଠକରେ ଉତ୍ତର ମଣ୍ଡଳ ସଙ୍ଘର ସମସ୍ତ କାଗଜପତ୍ର ଓ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ବିଗତ ଦିନମାନଙ୍କରେ ସଙ୍ଘର ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ପ୍ରଭାବ ଓ ସାଂଗଠନିକ କ୍ଷେତ୍ରରେ ଅଧିକ ଉଦ୍ୟମ ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ଦୁଇବର୍ଷ ନିମନ୍ତେ ସର୍ବସମ୍ମତିକ୍ରମେ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ କଷଣଅ□ାର ଏବିପିଏମ ନରେନ୍ଦ୍ର ତ୍ରିପାଠୀଙ୍କୁ ସଭାପତି ଭାବେ, ଉପସଭାପତି ଭାବେ ଗୋପାଳପୁର ଏବିପିଏମ ଶରତ କୁମାର ହାତୀ, ବାବୁଜଙ୍ଗ ବିପିଏମ ସନ୍ତୋଷ କୁମାର ବାରିକ, ଅଲିଆବାଦ ବିପିଏମ ଜଗଜ୍ଜୀବନ ଜେନା ଓ ସମ୍ପାଦକ ଭାବେ ଭରତପୁର ବିପିଏମ ବିଜୟ କିଶୋର ଦାସ, ସହ ସମ୍ପାଦକ ଭାବେ ଶିତଳେଶ୍ୱର ଏବିପିଏମ ବିବେକାନନ୍ଦ ପୁଜାରୀ, ପ୍ୟାକର ବାବାଜୀ ଚରଣ ସାମଲ, ଜିଜ୍ଞାଶିଷ ପ୍ରିୟକାନ୍ତ ଜେନା, କୋଷାଧକ୍ଷ ଭାବେ ଶାସନିପଡା ବିପିଏମ ଭଞ୍ଜକିଶୋର ସାହୁ, ସହ କୋଷାଧକ୍ଷ ଭାବେ ବନ୍ଧକଟା ବିପିଏମ ବିଜ୍ଞାନ କୁମାର ଦାସ, ସାଂଗଠନିକ ସମ୍ପାଦକ ଭାବେ ତରଡିପାଳ ବିପିଏମ ସଚ୍ଚିଦାନନ୍ଦ ବିଶ୍ୱାଳ, ବିଶ୍ୱନାରାୟଣ ବାରିକ, ନଟବର ସେଠୀ, ମନୋରଞ୍ଜନ ପରିଡା,ସଞ୍ଜୀବ କୁମାର ଦାସ ଏବଂ ହିସାବ ନିରୀକ୍ଷକ ଭାବେ ରବୀନ୍ଦ୍ର ନାଥ ସାହୁଙ୍କୁ ମନୋନିତ କରାଯାଇଥିବା ସମ୍ପାଦକ ବିଜୟ କିଶୋର ଦାସ ଜଣାଇଛନ୍ତି।

## କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ ଜୋନାଲ ମ୍ୟାଚ ଉଦଘାଟିତ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ମେମୋରିଆଲର ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ ଗୋଟି ପଡିଆରେ ଅନୁଷ୍ଠିତ ୩ଗୋଟି ମ୍ୟାଚରେ ଚୋରମୁହାଁ, ବଡକାଏମା ଓ ଅରାବଳ ଟିମ ବିଜୟୀ ହୋଇଛନ୍ତି । ଏହି ବ୍ଲକ ବାରକଣା ବଡକାଏମା ଖେଳପଡିଆରେ ସୋମାବାର ଜୋନାଲ ମ୍ୟାଚକୁ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ପ୍ରଥମେ ଅଭୟପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୨ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ କରିଥିଲା। ଏହାର ଜବାବରେ ଚୋରମୁହାଁ ଟିମ ବ୍ୟାଟି କରି ୧୪ ଓଭରରେ ୫ ଉଇକେଟ ହରାଇ ୧୪୫ ରନ କରି ବିଜୟୀ ହୋଇଥିଲା । ଆସନ୍ତାକାଲି ମଙ୍ଗଳବାର ପଟୁଣିଆ ସହିତ ନେଉଳପୁର ଓ ଚହଟା ସହିତ କୋତପୁର ଟିମ ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ମ୍ୟାଚକୁ ଉତମ ସାମଲ ଓ ନାରାୟଣ ପାଳ ପରିଚାଳନା କରିଥିଲେ । ସେହିପରି ଏହି ବ୍ଲକ କୋତପୁର ଖେଳପଡିଆରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ବଡକାଏମା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୨୦୧ ରନ କରିଥିଲା । ଜବାବରେ ମଙ୍ଗଳପୁର ଟିମ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଅରାବଳ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୫୬ରନ କରିଥିଲା। ଜବାବରେ ମିର୍ଜାପୁର ଟିମ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ରନ କରି ପରାସ୍ତ ହୋଇଥିଲା । ଉଭୟ ମ୍ୟାଚକୁ ଇନ୍ତେକାବ ଆଲାମ, ଶୁଭ୍ରଜିତ ଦାସ ଓ ସିଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ । ଆସନ୍ତାକାଲି ମଙ୍ଗଳବାର ଏହି ଖେଳପଡିଆରେ ଉତରପ୍ରତାପ ସହିତ ପଟୁଣିଆ ଟିମ ଓ ଅରେଇକଣା ଟିମ ସହିତ ଦେଓଦା ଟିମ ମଧ୍ୟରେ ଜୋନାଲ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି ।

## ଘୋଡ଼ା ଦୌଡ଼ ପ୍ରତିଯୋଗୀତାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ



ଭୁବନେଶ୍ୱର, (ପି.ଏନ): ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଆଜି ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଇକ ଟିଗିରିଆ ଠାରେ ଘୋଡ଼ା ଦୌଡ଼ ପ୍ରତିଯୋଗୀତାରେ ଅତିଥି ଭାବରେ ଯୋଗଦେଇଥିଲେ। ଶ୍ରୀ ରାଉତରାୟ ନିଜେ ମଧ୍ୟ ଘୋଡ଼ା ଉପରେ ଚଢ଼ି ଘୋଡ଼ା ଦୌଡ଼ କରିଥିଲେ। ଗ୍ରାମାଚଂଳ କ୍ରୀଡ଼ା ପ୍ରତିଯୋଗୀତାରେ ଏହା ଏକ ନିଆରା ଘଟଣା ବୋଲି ଶ୍ରୀ ରାଉତରାୟ କହିଥିଲେ। ଶ୍ରୀ ରାଉତରାୟ କହିଥିଲେ ଦିନେ ଘୋଡ଼ା ମଣିଷର ସାଥି ଥିଲା। ମା ବରକନ୍ୟା ଅନୁଷ୍ଠାନ ପକ୍ଷରୁ ଏହି ପ୍ରତିଯୋଗୀତାରେ ଆୟୋଜନ ହୋଇଥିଲା। ପ୍ରତିଯୋଗୀମାନେ ଘୋଡ଼ା ଦୌଡ଼ କରିଥିଲେ। ମା ବରକନ୍ୟା ଇକ୍ୱେଷ୍ଟ୍ରିଆନ ଚମ୍ପିଆନସିପ ପକ୍ଷରୁ ପାଇକ ଟିଗିରିଆ ଖେଳ ପଡ଼ିଆରେ ଏହାର ଆୟୋଜନ ହୋଇଥିଲା। ଶ୍ରୀ ଜଗନ୍ନାଥ ଆନ୍ତର୍ଜାତିକ ଇକ୍ୱେଷ୍ଟ୍ରିଆନ ଏକାଡେମୀର ଏହା ଅବଦାନ। ଏହି କାର୍ଯ୍ୟକ୍ରମକୁ ଧାଡ୍ତୁ ପାଇକରାୟ, ଦାମୋଦର ରାଉତ, ଭଗବାନ ଜେନା, ଦୀପକ କୁମାର ଶତ୍ପଶର, ଧୁନା ସାହୁ ଓ ସୁମିତ ସାଗର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମର ଆୟୋଜକ ଥିଲେ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ଧର୍ମଶାଳା ବ୍ଲକର ୨୪ଟି ସରପଂଚ ପଦ ସଂରକ୍ଷଣ ବଦଳିଲା

ଧର୍ମଶାଳା, (ଆପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ କୋଟା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବାତିଲ ହେବା ଫଳରେ ସଂରକ୍ଷଣ ତାଲିକାରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଧର୍ମଶାଳା ବ୍ଲକର ୪୫ ଗୋଟି ସରପଂଚ ପଦ ପାଇଁ ପୁର୍ବ ସାରଣୀରେ ୨୪ ଗୋଟି ପଂଚାୟତରେ ବ୍ୟାପକ ପରିବର୍ତ୍ତନ ହୋଇଥିବା ବେଳେ ୨୧ ଗୋଟି ପଂଚାୟତରେ ସଂରକ୍ଷଣ ସାରଣୀ ଅପରିବର୍ତ୍ତିତ ରହିଛି । ନୂତନ ପ୍ରସ୍ତାବିତ ସଂରକ୍ଷଣ ଅନୁସାରେ ସରପଂଚ ପଦ ପରିବର୍ତ୍ତନ ହୋଇଥିବା ପଂଚାୟତ ଗୁଡିକ ହେଲା ଅଂଜିରା ପଂଚାୟତ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ସେହିପରି ଅରେଇକଣା- ଅଣସଂରକ୍ଷିତ, ଉତରପ୍ରତାପ- ଅନୁସୁଚିତ ଜାତି, କଦମପାଳ- ମହିଳା,କବାଟବନ୍ଧ-ଅଣସଂରକ୍ଷିତ ରଖାଯାଇଛି । କମାଗଡ ପଂଚାୟତ ସରପଂଚ ପଦ ଅଣସଂରକ୍ଷିତ, କୁମାରୀ- ମହିଳା, ଗଙ୍ଗାଧରପୁର- ଅଣସଂରକ୍ଷିତ, ଚକ୍ରଧରପୁର-ମହିଳା,ଚୋରମୁହାଁ- ଅଣସଂରକ୍ଷିତ, ଜେନାପୁର-ଅନୁସୁଚିତ ଜାତି ମହିଳା, ତାଳଜଙ୍ଗ- ଅଣସଂରକ୍ଷିତ, ଥାନୁଆଳ- ମହିଳା,ଦେଓଦା- ଅନୁସୁଚିତ ଜାତି, ପୁରୁଣା ବଉଳମାଳ, ଅଣସଂରକ୍ଷିତ ରଖାଯାଇଛି । ମଙ୍ଗଳପୁର ପଂଚାୟତ- ଅଣସଂରକ୍ଷିତ, ମ ଜ ି ତ । ପ ୁ ର - ଅଣସଂରକ୍ଷିତ,ମଧୁସୁଦନପୁର- ମହିଳା, ମହିଶରା- ଅନୁସୁଚିତ ଜାତି ମହିଳା, ରାଇଛନ୍ଦା- ଅନୁସୁଚିତ ଜାତି ମହିଳା, ରେଖିଦେଇପୁର- ମହିଳା, ସମ୍ପାରୁ- ଅଣସଂରକ୍ଷିତ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସୋମବାର ଠାରୁ ଆସନ୍ତା ଜାନୁଆରୀ ୩ ତାରିଖ ଯାଏଁ ସଂରକ୍ଷିତ ଆସନ ଉପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅପତି ଅଭିଯୋଗ ଗ୍ରହଣ କରାଯିବାକୁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସ୍ଥିର କରାଯାଇଛି ।

## ଧର୍ମଶାଳା ବାଣପୀଠର ବନ୍ଧୁ ମିଳନ



ଧର୍ମଶାଳା, (ଆପ୍ର): ଧର୍ମଶାଳା ବାଣୀପୀଠର ୧୯୯୦- ୯୪ ବ୍ୟାଚର ବନ୍ଧୁ ମିଳନ ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଏହି ପ୍ରାଥମିକ ବିଦ୍ୟାଳୟରୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ଦୀର୍ଘ ୩୦ ବର୍ଷ ପରେ ପ୍ରଥମ ଥର ପାଇଁ ବିଦ୍ୟାଳୟ ପରିସରକୁ ପୁଣି ଫେରିଥିବାରୁ ସମସ୍ତଙ୍କ ମଧ୍ୟରେ ସେହି ପିଲାଦିନ ସ୍କୁଲ ଜୀବନର ସ୍ମୃତି ଝଲସି ଉଠିଥିଲା। ଯଦିଓ ଅତୀତର ସେହି ଶ୍ରେଣୀ କକ୍ଷ କି ଗଛ ବୃକ୍ଷ ଆଉ ନାହିଁ, କିନ୍ତୁ ସମ୍ପ୍ରତି ବିଦ୍ୟାଳୟର ସୁନ୍ଦର ପରିବେଶକୁ ଦେଖି କିଛି ଘ□ା ପାଇଁ ବିଭୋର ହୋଇ ଯାଇଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ଓ କରିବା ପରେ ସମସ୍ତେ ଆୟୋଜିତ ଭୋଜିରେ ସାମିଲ ହୋଇଥିଲେ। ଏହି ବନ୍ଧୁ ମିଳନରେ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା, (ଆପ୍ର): ଧର୍ମଶାଳଅ ବ୍ଲକ ଅଂଚଳର ଅଗ୍ରଣୀ ସ୍ୱେଛାସେବୀ ସଙ୍ଗଠନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଜଣେ ମେଧାବୀ ଛାତ୍ରୀଙ୍କୁ ପାଠ ପଡିବା ପାଇଁ ସହାୟତା ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ ଏହି ବ୍ଲକ ମହିସରା ପଂଚାୟତ ଡଙ୍କାରୀ ଗ୍ରାମର ଗିପବନ୍ଧୁ ମଳିକଙ୍କ ଝିଅ ଅର୍ପିତା ପ୍ରିୟଦର୍ଶିନୀ ଗତ ମ୍ୟାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତିର୍ଣ୍ଣ ହୋଇଥିଲେ । ଆଗକୁ ସେ ଜଣେ ସିଭିଲ ଇଂଜିନିଅର ହେବା ପାଇଁ ଆଶା ରଖି ଡିପ୍ଲୋମା ପାଠ ପଡିବା ପାଇଁ ଅଗ୍ରହ ପ୍ରକାଶ କରିଥିଲେ ହେଁ ଅର୍ଥାଭାବ ଯୋଗୁ ପାଠ ପଡିବା ସମ୍ଭବପର ହୋଇନଥିଲା । ତେବେ ଏସମ୍ପର୍କରେ ଅଂଶୁମାନ ଟ୍ରଷ୍ଟର ସମ୍ପାଦକ ହିମାଂଶୁଶେଖର ସାହୁ ଖବର ପାଇ ପ୍ରିୟ ଦର୍ଶିନୀ ର ବାପାକୁ ଡକାଇ ଆର୍ଥୀକ ସହାୟତା ପ୍ରଦାନ କରିବା ସହିତ ପାଠ ପଡା ପାଇଁ ଆବଶ୍ୟକ ଅର୍ଥ ସେ ଖର୍ଚ୍ଚ କରିବେ ବୋଲି ପ୍ରତିସୃତି ଦେଇଛନ୍ତି । ଏହାକୁ ନେଇ ଯୁବତୀଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଗ୍ରାମବାସୀ ମାନେ ଅଂଶୁମାନଟ୍ରଷ୍ଟର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

## ସ୍କୁଲରୁ ବ୍ୟାଟେରୀ ଚୋରୀ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଧର୍ମଶାଳା, (ଆପ୍ର): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଅଂଟିଆସ୍ଥିତ ପଂଚାୟତ ହିଙ୍ଗୁଳା ବିଦ୍ୟାପୀଠରୁ ଇନଭର୍ଟରର ବ୍ୟାଟେରୀ ଚୋରୀରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ଅକ୍ଟୋବର ୨୧ ତାରିଖରେ ବିଦ୍ୟାପୀଠରୁ ଇନଭର୍ଟର ବ୍ୟାଟେରୀ ଚୋରୀ ହୋଇ ଥିବା ନେଇ ପ୍ରଧାନ ଶିକ୍ଷକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩୦୬/୨୧ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଚିନ୍ମୟ ମଳିକ ଫେରାର ହୋଇଯାଇଥିଲା । ଗତକାଲି ରାତିରେ ପୋଲିସ ତାକୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଆଇଆଇସି ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
**ପର୍ଯ୍ୟବେକ୍ଷକ**
PARYABEKHYAK ପର୍ୟବେକ୍ଷକ



Bhubaneswar Tuesday December 28, 2021 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୨୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଏଲିମେଣ୍ଟାରୀ ଟିଚ୍ଚି ଶିକ୍ଷକ ସଂଘ ବୈଠକ

ବାଲେଶ୍ୱର, (ପି.ଏନ): ବାଲେଶ୍ୱର ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଚ୍ଚି ଶିକ୍ଷକ ସଂଘ ଜିଲ୍ଲା ଶାଖା ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସଂଘର ସାଧାରଣ ସମ୍ପାଦକ ମୂରଲୀଧର ନାୟକ ସଂଘର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ବାଲେଶ୍ୱର ଜିଲ୍ଲା ସଂଘ ସମ୍ପାଦକ କୈଳାଶ ଚନ୍ଦ୍ର ସାହୁ, ସତ୍ୟଭାମା ମୁଦୁଲି, ବିଶ୍ୱନାଥ ରଣା, ରଜନୀ ରାଣୀ ବିନ୍ଧାଣୀ, ଭାଗୀରଥ ପ୍ରଧାନ, ବିଦ୍ୟାଧର ସେଠୀ, ଦିପ୍ତୀ ପାଲ ପ୍ରମୁଖ ଉପସ୍ଥିତ ଥିଲେ । ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକଙ୍କୁ ସରକାରଙ୍କର ବୈମାତୃକ ମନୋଭାବ ଉପରେ ସେମାନେ ଆଲୋଚନା କରିଥିଲେ । ନୂତନ ଶିକ୍ଷାନୀତି ୨୦୨୦ଅନୁଯାଇ ନୂତନ ପଦବୀ ପାଇଁ ଏଲିମେଣ୍ଟାରୀ କ୍ୟାଡର ରୁଲ ପ୍ରଚଳନ, ପଦୋନ୍ନତିରେ କୋହଳ ନୀତି, ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଠ୍ୟଦାନ କରୁଥିବା ଟ୍ରେଣ୍ଡ ଗ୍ରାଜୁଏଟ ଶିକ୍ଷକଙ୍କୁ ୪୨ ଶହ ଟଙ୍କା ଗ୍ରେଡ ପେ, ଏବିଇଓଙ୍କ ଗ୍ରେଡ ପେ, ୪୬ ଶହ ଟଙ୍କା, ଯେଉଁ ଶିକ୍ଷକ ୩୦ ବର୍ଷ ଚାକିରି କରିଛନ୍ତି ସେମାନଙ୍କ ଗ୍ରେଡ ପେ ମଧ୍ୟ ୪୬ ଶହ ଟଙ୍କା କରିବା, ୫୦ ପ୍ରତିଶତ ବକେୟାଦରମା ସହ ଓଆରଏସପି ୨୦୧୭ ଅନୁସାରେ ଘରଭଡା ପ୍ରଦାନ ଭଳି ବିଭିନ୍ନଦାବି ଉପରେ ଆଲୋଚନା କରିଥିଲେ । ସରକାର ଏହି ଦାବିଗୁଡିକ ପ୍ରତି କର୍ଣ୍ଣପାତ ନ କଲେ ରାଜ୍ୟସଂଘ ସହ ମିଶି ସଂଘର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତି ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିମା ମିଶ୍ର, ପାର୍ବତୀ ବିଶ୍ୱାଳ, ସଂଯୁକ୍ତା ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପରିବେଶ ସୁରକ୍ଷା ପାଇଁ ଶପଥ ନେଲେ ପୂର୍ବତନ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲାର ତଲକୁସୁମା ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚର ଛାତ୍ରଛାତ୍ରୀମାନେ ପରିବେଶ ସଚେତନତା କରିବା ପାଇଁ ଶପଥ ନେଇଛନ୍ତି । ପୂର୍ବତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବତନ ଛାତ୍ରଛାତ୍ରୀମାନେ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ମାତ୍ରାରେ ମଣିଷ ନିଜ ସ୍ୱାର୍ଥ ପାଇଁ ବୃକ୍ଷ ଛେଦନ କରି ଶିଳ୍ପ କାରଖାନା ଓ ଗୃହ ନିର୍ମାଣ କରାଯାଉଛି ତାହାର କରାଳ ପରିଣତି ସ୍ୱରୂପ ଜଳବାୟୁର ପରିବର୍ତ୍ତନ ହେଉଛି ।

## ନବ ନିର୍ମାଣ କୃଷକ ସଙ୍ଗଠନର ଜରୁରୀ କାଳୀନ ବୈଠକ



ଖୋର୍ଦ୍ଧା, (ପିଏନ):ବୋଲଗଡ ବ୍ଲକ ଗୋପାଳପୁର ପଂଚାୟତର ଦେଉଳୀ ଗ୍ରାମର ଆରାଧ୍ୟଦେବ ଚୈତନ୍ୟ ଦେବଙ୍କ ପୀଠରେ ନବ ନିର୍ମାଣ କୃଷକ ସଙ୍ଗଠନର ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏ ନେଇ ବୋଲଗଡ ବ୍ଲକର ସଂଯୋଜକ ଜୟ' କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ଯୁବ ଛାତ୍ରସଙ୍ଗଠନର ସଭାପତି ମନୋହର ଅଲ୍ଲୀ ମୁଖ୍ୟ ଅତିଥି,ରାଜ୍ୟ ମହିଳା ସଦସ୍ୟ ମଧୁମିତା ସାମଲ ମୁଖ୍ୟ ବକ୍ତା,ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ,ବ୍ଲକ ସହ ସଂଯୋଜକ କାହ୍ନୁ ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବାତ୍ୟା ଜୱାଦ ଜନିତ ଲଘୁଚାପ ବର୍ଷା ଧାନ ଫସଲ ଅମଳ ସମୟରେ ଚାଷ ଜମିରେ ପାଣି ଜମି ଗଜା ହୋଇ ବ୍ୟାପକ ଫସଲ ନଷ୍ଟ ହୋଇଛି । ଏ ନେଇ ସରକାର ୩୩-୫୦ ଭାଗ ଭିତରେ କ୍ଷୟକ୍ଷତି ହୋଇଥିବାର ଆକଳନ କରି ସୂଚାଇ ଥିଲେ ମଧ୍ୟ ତାଠାରୁ ଆହୁରି ଅଧିକ କ୍ଷତି ହୋଇଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ଜିଲ୍ଲାକୁ ବାତ୍ୟା ଜନିତ କ୍ଷତି ଅଂଚଳ ବୋଲି ଘୋଷଣା କରିବାକୁ ଦାବୀ କରିଥିବା ବେଳେ ଗଜା ହୋଇ ଅମଳ ଧାନ ଗୁଡିକ ନଷ୍ଟ ହୋଇଥିବାରୁ ଧାନ ବିକ୍ରୀ ପାଇଁ ମଣ୍ଡି ଖୋଲିବାକୁ ନିଷ୍ପତି ନିଆଯାଇ ଅଖା ପଇସାକୁ ଚାଷୀଙ୍କୁ ଦିଆଯାଉ ବୋଲି ଆଲୋଚନା ହୋଇଥିଲା ।ତତ ସହିତ ବାର୍ଦ୍ଧକ୍ୟ ଭତା ୫ ଶହ ଟଙ୍କା ବଦଳରେ ୧୫ ଶହ ଟଙ୍କା ପ୍ରଦାନ କରାଯାଉ,କାଳିଆ ଯୋଜନାରେ ୧୦ ଭାଗ ଚାଷୀ ୧୦ ଭାଗ ଚାଷୀ ଉପକୃତ ହୋଇଥିବା ବେଳେ ୯୦ ଭାଗ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ସହ ରବି ଫସଲ ପାଇଁ ବିହନ ଯୋଗାଣ ତୁର' ଯୋଗାଇ ଦିଆଯାଉ ବୋଲି ମତ ପ୍ରକାଶ ପାଇଥିଲା ।ଏଥିରେ ସୁଶା' ବେହେରା,ଝରି ରାଉତରାୟ, ପିତବାସ ବଳବ'ରାୟ,ମହମ୍ମଦ ଖାଁ,ସୁବାନ ଖାଁ ଓ କୁଳମଣି ମୁଦୁଲିଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ ।

## ଅପସରି ଯାଇଥିବା ସ୍ମୃତିକୁ ଉଜ୍ଜୀବିତ କରେ ବନ୍ଧୁମିଳନ, ସମାଜସେବା କାର୍ଯ୍ୟ ପାଇଁ ହେଲେ ଏକାଠି




ଭୁବନେଶ୍ୱର,(ପି.ଏନ): ବ୍ୟକ୍ତି ସଂସାରର ସବୁଠୁ ଭଲ ବନ୍ଧୁ । ଆଜିର ସମାଜରେ ଧୀରେ ଧୀରେ ହଜି ଯାଉଛି ମଣିଷପଣିଆ ! ସ୍ୱାର୍ଥବାଦୀ ମଣିଷ ଗର୍ବ ଅହଂକାରରେ ବୁଡ଼ି ଆପଣାର ଲୋକଙ୍କୁ ବି ପର କରିବାକୁ ପଛାଇ ଯାଉନି । ଭୂଲିଯାଉଛି ରକ୍ତ ସମ୍ପର୍କର ନିବିଡ଼ତା ଓ ଆତ୍ମିୟ ସ୍ୱଜନଙ୍କୁ ! ମନରୁ ଧୀରେ ଧୀରେ ପୋଛି ଦେଉଛି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ସ୍ମୃତି ଓ ଅନୁଭୂତିକୁ ! ପୁରୁଣା ସ୍ମୃତିକୁ ସାଇତି ରଖିବାରେ ବନ୍ଧୁ ମିଳନ ହେଉଛି ଏକ ପ୍ରକୃଷ୍ଟ ସ୍ଥାନ । ଯିଏ ଯେଉଁଠାରେ ଥିଲେ ବି ଗୁରୁଜନ ଓ ପୂଜ୍ୟପୂଜାକୁ କେବେ ଭୂଲିବା ନାହିଁ । ସେମାନଙ୍କୁ ସମ୍ମାନ ଜଣାଇଲେ ଆମ ଉପରେ ଆର୍ଶିବାଦ ବରଷିବ ବୋଲି ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର ୮୯-୯୧ ବ୍ୟାଚ୍ର ବନ୍ଧୁମିଳନ କୋଭିଡ୍ କଟକଣାରେ ରାଜଧାନୀର ହୋଟେଲ ଏକ୍ସଲେନ୍ସିରେ କାର୍ଯ୍ୟକ୍ରମରେ ଯୋଗ ଦେଇ ସଭ୍ୟମାନେ ମତବ୍ୟକ୍ତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ପରିଚାଳଣାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭିଁଏ ବନ୍ଧୁ ପରିଜନ ଓ ଆତ୍ମିୟ ସ୍ୱଜନ ବିଗତ ଦିନର ସ୍ମୃତି ଅନୁଭୂତିକୁ ବଖାଣି ପରସ୍ପର ମଧ୍ୟରେ ଖୁସି ବାଂଟିଥିଲେ । ଏହି ଅବସରରେ ସଙ୍ଗୀତ ପରିବେଷଣ କରାଯିବା ସହ ଭବିଷ୍ୟତରେ ସମାଜସେବା ପାଇଁ ଅନୁଷ୍ଠାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା ।

## ସୁଙ୍ଗୁଡ଼ା ଗ୍ରାମର ବିଭିନ୍ନ ପ୍ରକଳ୍ପକୁ ବିଧାୟକ ଉଦଘାଟନ କଲେ

ଚଣ୍ଡିଖୋଲ, (ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ପଂଚାୟତର ସୁଙ୍ଗୁଡ଼ା ଗ୍ରାମର ଅଙ୍ଗନୱାଡ଼ି ଘର, କାର୍ତିକେଶ୍ୱର ପାଠାଗାର ଘର, ବୁଢ଼ୀଜାଗୁଲାଇ କୋଠ ଘରକୁ ବିଧାୟକ ଅମର ପ୍ରସାଦ ଶତପଥୀ ଉଦଘାଟନ କରିଛନ୍ତି । ଏହି ଉପଲକ୍ଷେ ସୁଙ୍ଗୁଡ଼ା ଠାରେ ମସିର ଆଲାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଶତପଥୀ ସୁଙ୍ଗୁଡ଼ା ଗ୍ରାମକୁ ମୁଁ ମୋ ନିଜ ଗ୍ରାମ ଠାରୁ ଭଲ ପାଏ । ସୁଙ୍ଗୁଡ଼ା ଗ୍ରାମ ମୋର କର୍ମଭୂମି । ଏଠାରେ ବହୁ ବିଜ୍ଞଲୋକ ବାସ କରନ୍ତି । ଯେତେବେଳେ ମୋତେ ଯେଉଁ ଯୋଜନା କଥା କହିଛନ୍ତି ମୁଁ ପୂରଣ କରିଛି । ଆଗାମୀ ଦିନରେ ଏହି ଗ୍ରାମ ପାଇଁ ଆହୁରୀ ଅଧିକ ଯୋଜନା ମଧ୍ୟ କରାଯିବ । ସରପଂଚ ଚାଚାଲିନ୍ ସ୍ୱାଇଁ ବିଧାୟକ ଶ୍ରୀ ଶତପଥୀଙ୍କ ସହ ପଂଚାୟତର ସମସ୍ତ ଜନ ସାଧାରଣଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ୍, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ନିରଞ୍ଜନ ସେନାପତି, ମୁନସର ଅଲ୍ଲୀ ଖାଁ, ସଂଜୟ ସ୍ୱାଇଁ, କିଛିନା ମହାପାତ୍ର, ଜିତେନ୍ଦ୍ର ସ୍ୱାଇଁ, ପ୍ରିୟବ୍ରତ ଖିଲାର ପ୍ରମୁଖ ଉଦବୋଧନ ଦେଇଥିଲେ । ଯୁବ ବିଜେଡ଼ି କର୍ମୀ ପ୍ରମୋଦ ସେନାପତି, ଓକାତ୍ ଆକବର, ବଡ଼ପୁଅ, ରାକେଶ ବିଶ୍ୱାଳ, ଅରୁଣ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା ।

## ୯୭ତମ ଜୟନ୍ତୀ ଅବସରରେ ଅଟଳବିହାରୀ ବାଜପେୟୀଙ୍କ ଗୁଣାବଳୀ ଏବଂ ସୁଶାସନ ଦିବସ ପାଳନ କଲା ଖୋର୍ଦ୍ଧା ବିଜେପି

ଖୋର୍ଦ୍ଧା, (ପି.ଏନ): ମହାନଜନନାୟକ ପ୍ରବୀଣ ରାଷ୍ଟ୍ର ନିତିଜ୍ଞ ଯୁବ ପୁରୁଷ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗୀୟ ଅଟଳବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ ସ୍ଥାନୀୟ ମଳିପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେପି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆଜି ଦିନକୁ ସାରା ଦେଶରେ ସୁଶାସନ ଦିବସ ଭାବରେ ପାଳନ କରାଯାଉଥିବାରୁ ସଭାରେ ଉପସ୍ଥିତ ଥିବା ନେତୃ ମଣ୍ଡଳୀ ବାଜପେୟୀ ଏବଂ ମୋଦୀ ସରକାରଙ୍କର ସୁଶାସନ ସମ୍ପର୍କରେ କାର୍ଯ୍ୟକର୍ତାମାନଙ୍କୁ ଅବଗତ କରାଇଥିଲେ । ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଂଜନ ମଙ୍ଗରାଜଙ୍କ ସଂଚାଳନରେ ଆୟୋଜିତ ଉକ୍ତ ଜୟନ୍ତୀ ସଭାରେ ବରିଷ୍ଠ ନେତା କେଳୁ ଜଗଦ୍ଦେବ, ମଣ୍ଡଳ ସଭାପତି ବିପିନ କୁମାର ପାଲଟାସିଂହ, ପୂର୍ଣ୍ଣଚନ୍ଦ୍ର କଳସ, ଆଲୋକ ରଂଜନ ଛୋଟରାୟ ସାଂସଦଙ୍କ ନଗର ପ୍ରତିନିଧି ଅବନୀକାନ୍ତ ଜେନା, ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଶିଷ ବରିସଲ, ପ୍ରଭାକର ପ୍ରଧାନ ଓ ବିଶ୍ୱରଂଜନ ଫତେସିଂହ ନିଜ ନିଜ ବକ୍ତବ୍ୟ ପ୍ରସଙ୍ଗରେ ବାଜପେୟୀଙ୍କୁ ଆଧୁନିକ ଭାରତର ବିଶ୍ୱ କର୍ମାଙ୍କ ସହ ତୁଳନା କରି କିଭଳି ଭାବେ ୨୪ ଗୋଟି ଦଳକୁ ସାଙ୍ଗରେ ନେଇ ଦେଶ ବିକାଶରେ ଦକ୍ଷତାର ସହ କାର୍ଯ୍ୟ କଲେ ତାହାକୁ ବର୍ଣ୍ଣନା କରିଥିଲେ । ଗମନା ଗମନ, ଟେଲିଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନାରୀ ଶସକ୍ତିକରଣ, କାରର୍ଗିଲ ଯୁଦ୍ଧର ବିଜୟ, ବୈଦେଶିକ ନୀତି, ପ୍ରତିରକ୍ଷା ନୀତି ଓ ଶିଶୁମାନଙ୍କ ପାଇଁ ଯୋଜନା ଆଦି ସମ୍ପର୍କରେ ବାଜପେୟୀଙ୍କର ଅବଦାନ ଆଦିକୁ କାର୍ଯ୍ୟକର୍ତାମାନଙ୍କୁ ଅବଗତ କରାଇଥିଲେ । ପରିଶେଷରେ ଆଗାମୀ ପଂଚାୟତ ନିର୍ବାଚନରେ ଦଳକୁ ସଂଗଠିତ କରି ରାଜ୍ୟରେ ଚାଲିଥିବା ଅନ୍ୟାୟ ଅନୀତି ଏବଂ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରି ଲୋକ ଲୋଚନକୁ ଆଣି ସାଧାରଣ ଲୋକଙ୍କର ଆସ୍ଥା ଭାଜନ ହେବାକୁ ନିଷ୍ପତି ନିଆଯାଇ ଶପଥ କରାଯାଇଥିଲା । ଯୁବ ନେତା ଗଙ୍ଗାଧର ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରାଷ୍ଟ୍ର ନେତାଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ର ଦାନ କରାଯାଇ ସଭା ସମାପ୍ତି କରାଯାଇଥିଲା ।

## ଗୁରୁଜଙ୍ଗ ପତଞ୍ଜଳି ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ



ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମା ନିକଟସ୍ଥ ଗୁରୁଜଙ୍ଗ ପତଞ୍ଜଳୀ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ସୀତାକାନ୍ତ ପଣ୍ଡା ଯୋଗ ଦେଇ ଯୋଗ କରିବା ଦ୍ୱାରା ସୁସ୍ଥ ନିରାମୟ ଜୀବନ ଉପରେ ମତ ରଖିବା ସହ ଯୋଗର ବିଭିନ୍ନ କୌଶଳ ସମ୍ପର୍କରେ ଶିକ୍ଷା ଦେଇଥିଲେ ।ରାଜ୍ୟ ଗଣମାଧ୍ୟମ ପ୍ରଭାରୀ କ୍ଷିତିଶ ପଟ୍ଟନାୟକ,ଶ୍ରୀଧର ବାରିକ,ପୃଥ୍ୱୀରାଜ ପ୍ରଧାନ,ଦୁଃଶାସନ ସ୍ୱାଇଁ ,ବିଦ୍ୟାଧର ଜେନା,ଯୋଗ ପ୍ରଚାରିକା ମିନତୀ ସାହୁ,ଓ ଜୟନ୍ତୀ କାଣ୍ଡି ପ୍ରମୁଖ ଯୋଗର ଉପକାରିତା ସମ୍ପର୍କରେ ବିଷୟରେ ସମ୍ୟକ ସୂଚନା ଦେଇଥିଲେ ।ସଭାର ପ୍ରାରମ୍ଭରେ ବିଶ୍ୱର କଲ୍ୟାଣ ନିମିତ ଯୋଗ ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ସାହୁଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଗ ସାଧକ ନୃସିଂହ ମହାପାତ୍ର ଓ ଫକୀର ବେହେରା ପରିଚାଳନା କରିଥିବା ବେଳେ ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ଖୋର୍ଦ୍ଧାରେ ନିୟମିତ ଚାଲୁଥିବା ଯୋଗ କେନ୍ଦ୍ରର ସାଧକ ଓ ସାଧିକା ମାନେ ଉପସ୍ଥିତ ରହିଥିଲେ ।

## ଧାନ କ୍ରୟରେ ଗୁରୁତର ବିଭ୍ରାଟ: ଟୋକନ ଲାପ୍ସ, ଅଭାବୀ ବିକ୍ରି, ମଣ୍ଡି ଅବ୍ୟବସ୍ଥା ଚରମ ସୀମାରେ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଖରିଫ ଧାନ କିଣାର ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଲାଣି । ଏକାଧିକ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି । ଚାଷୀ ଟୋକନ ପାଇଥିଲେ ମଧ୍ୟ ଠିକଣା ସମୟରେ ମଣ୍ଡି ଖୋଲା ନ ଯିବାରୁ ହଜାର ହଜାର ଟୋକନ ଲାପ୍ସ କଲାଣି । ସରକାରଙ୍କ ତୃଟିପୂର୍ଣ୍ଣ ନୀତି ଓ ମିଲରମାନଙ୍କ ମନମାନୀରେ ଚାଷୀ ଅଭାବି ବିକ୍ରୀର ଶିକାର ହେଉଛି । ସରକାର ଧାନ କିଣିବା ପରିବର୍ତ୍ତେ ମିଲରମାନେ ସିଧା ସଳଖ ଧାନ କିଣୁଛନ୍ତି । ପ୍ରତି କ୍ୱିଣ୍ଟାଲରେ ୩ ରୁ ୪ କେଜି କଟନି ଛଟନୀ କରାଯାଉଛି । ଅଖା ଓ ପରିବହନ ଖର୍ଚ୍ଚ ଚାଷୀ ପାଉନାହିଁ । ନିର୍ଦ୍ଧାରିତ ଏମଏସପିରେ ଧାନ କିଣା ଯାଉ ନାହିଁ । ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ଚାଲୁନାହିଁ । ରାଜ୍ୟରେ ୨୦୨୬ଟି କେନ୍ଦ୍ରରେ ଗୋଦାମ ଘର ନାହିଁ । ଚାଷୀ କଷ୍ଟ ଉପାର୍ଜିତ ଧାନ ବିକି ଦୁଇ ପଇସା ପାଇବା ପାଇଁ ଚାତକ ଭଳି ଚାହିଁ ରହିଥିବା ବେଳେ ପ୍ରଶାସନ ଓ ମିଲରଙ୍କ ମଧୁ ଚନ୍ଦ୍ରିକାରେ ଚାଷୀ ଅହେତୁକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅଦ୍ୟାବଧି ମଣ୍ଡି ଖୋଲାଯାଇ ନାହିଁ । ଫଳରେ ୧୨ଶହ, ୧୩ଶହ ଟଙ୍କାରେ ବାହାର ବେପାରୀମାନଙ୍କୁ ଚାଷୀ ଧାନ ବିକ୍ରିବାକୁ ବାଧ ହେଉଛନ୍ତି । ଏପରି ଅଭାବନୀୟ ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନାହିଁ । ଜଳସେଚିତ ଅଞ୍ଚଳରେ ଏକର ପ୍ରତି ୨୫ ରୁ ୩୦ କ୍ୱିଣ୍ଟାଲ ଧାନ ଅମଳ ହେଉଥିବା ବେଳେ ସରକାର ଚାଷୀଙ୍କଠାରୁ ଜଳସେଚିତ ଅଞ୍ଚଳରୁ ପ୍ରତି ଏକର ପିଛା ୧୯ କ୍ୱିଣ୍ଟାଲ ଓ ଅଣ ଜଳସେଚିତ ଅଞ୍ଚଳରୁ ୧୩ କ୍ୱିଣ୍ଟାଲ ଧାନ କ୍ରୟ କରିବା ଦ୍ୱାରା ଚାଷୀ ତାର ବଳକା ଧାନକୁ ଶାଗ ମାଛ ମୂଲ୍ୟରେ ବିକ୍ରୀ କରିବାକୁ ବାଧ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ସରକାରଙ୍କ ପକ୍ଷରୁ ତୁରନ୍ତ ସମସ୍ତ ଚାଷୀଙ୍କ ବଳକା ଧାନକୁ ନିର୍ଦ୍ଧାରିତ ଏମଏସପିରେ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବା ସହ ଛତିଶଗଡ଼ ରାଜ୍ୟ ଭଳି ଧାନର ଏମଏସପି ୨୯୩୦ ଟଙ୍କାକୁ ବୃଦ୍ଧି ନ ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରତି କ୍ୱିଣ୍ଟାଲରେ ଚାଷୀଙ୍କୁ ୯୯୦ ଟଙ୍କା ଅତିରିକ୍ତ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ଆସନ୍ତା ଜାନୁଆରୀ ୩ ତାରିଖଠାରୁ କିଷାନ କଂଗ୍ରେସର ରାଜ୍ୟ, ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ପ୍ରତ୍ୟେକ ଜିଲ୍ଲାରେ ଥିବା ମଣ୍ଡିଗୁଡ଼ିକୁ ଅନୁଧ୍ୟାନ କରିବେ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing : 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities




MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray